୮୨ ବର୍ଷରେ ସଂଘ

R.N.I. Regd. No. ORBIL-1997/1014
Postal Regd. No. : BN/61/24-26

ଇ. ସଂସ୍କରଣ

ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘର ମାସିକ ମୁଖପତ୍ର

# ଟେକ୍ନୋସ୍କ୍ରାଇବ୍

# The Technoscribe

MONTHLY ORGAN OF THE ODISHA DIPLOMA ENGINEERS'SERVICE ASSOCIATION

(୧୯୭୪ ମସିହାରୁ ଟେକ୍ନୋଟାଇମ୍ସ ଭାବରେ ପ୍ରକାଶିତ ଓ ପରେ ଟେକ୍ନୋସ୍କ୍ରାଇବ୍ ଭାବରେ ପୁନର୍ନାମିତ)

• ୧୯୭୪-୨୦୨୫ • ୫୧ ବର୍ଷ •

VOL. 28 NO.6 • DECEMBER-2025 • ଚତୁସ୍ତ୍ରିଂଶ ବର୍ଷ • ଷଷ୍ଠ ସଂଖ୍ୟା • ଡିସେମ୍ବର-୨୦୨୫ • ଗ୍ରାହକ ଦେୟ : ପାଞ୍ଚଶହ ଟଙ୍କା (ଆଜୀବନ)




ଓଡ଼େଶା ଭବନରେ ଅନୁଷ୍ଠିତ ଚତୁର୍ଥ ସାଧାରଣ ପରିଷଦ ବୈଠକ

# ଓଡ଼ିଶାର ବିଭିନ୍ନ ଶାଖା କମିଟିରେ ଅନୁଷ୍ଠିତ ବାର୍ଷିକ ସାଧାରଣ ସଭା




ବୌଦ୍ଧ ଶାଖା କମିଟି



କଟକ ଶାଖା କମିଟି




ବଲାଙ୍ଗୀର ଶାଖା କମିଟି



ରେଙ୍ଗାଲି-ସମଲ ଶାଖା କମିଟି




ଭଞ୍ଜନଗର ଶାଖା କମିଟି



ଗଜପତି ଶାଖା କମିଟି

ଓଡ଼ିଶା ଡିପ୍ଲୋମା ଇଂଜିନିୟର
ସେବା ସଂଘର ମାସିକ ମୁଖପତ୍ର
"ଟେକ୍ନୋସ୍କ୍ରାଇବ୍"

Vol-28 No.-06
ଚତୁତ୍ରିଂଶ ବର୍ଷ ★ ଷଷ୍ଠ ସଂଖ୍ୟା

ଡିସେମ୍ବର -୨୦୨୫

ସମୁଦାୟ ପୃଷ୍ଠା ସଂଖ୍ୟା-୨୮

ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘ
୭, ଖାରବେଳ ନଗର, ୟୁନିଟ୍-୩
ଭୁବନେଶ୍ୱର-୭୫୧୦୦୧
ଫୋନ୍ : 0674-3501518
E-mail : odesa_1944@yahoo.com
Web. : www.odesa.co.in

**ସମ୍ପାଦନା ମଣ୍ଡଳୀ :**

ଇଂ. ପ୍ରଭାତ କୁମାର ନାୟକ -ସମ୍ପାଦକ

ଇଂ. ଶ୍ରୀଧର ବାରିକ - ସଦସ୍ୟ

ଇଂ. ସୁଦର୍ଶନ ବେହେରା - ସଦସ୍ୟ

ଇଂ. .ଶରତ କୁମାର ପୁହାଣ - ସଦସ୍ୟ

ଇଂ. ବିଶ୍ୱଭୂଷଣ ବେହେରା - ସଦସ୍ୟ

ଯୋଗାଯୋଗ :
୯୪୩୭୩୦୬୨୬୨

ପତ୍ରିକାର ଏକକାଳୀନ
ଗ୍ରାହକ ଦେୟ
ଟ.୫୦୦ଙ୍କା (ପାଞ୍ଚଶତ ଟଙ୍କା )



ସମ୍ପାଦକୀୟ......

# ୨୦୨୬ ମସିହା ହେଉ ସଂଗ୍ରାମର ବର୍ଷ

ଆମ ସଂଘ "ଓଡ଼େଶା" ଗଠନ ହୋଇଛି ୧୯୪୪ ମସିହାରୁ, ଦେଶ ସ୍ୱାଧୀନ ହେବା ପୂର୍ବରୁ । ଦୀର୍ଘ ୮୨ ବର୍ଷ ଧରି ରାଜ୍ୟର ସେବାରତ ସମସ୍ତ ଡିପ୍ଲୋମା ଇଂଜିନିୟର ସଂଘର ପତାକା ତଳେ ଐକ୍ୟବଦ୍ଧ ହୋଇ ନିଜର ବୃତ୍ତିଗତ, ସାମାଜିକ କର୍ତ୍ତବ୍ୟକୁ ସୁଚାରୁ ରୂପେ ସମ୍ପାଦନ କରି ରାଜ୍ୟ ବିକାଶରେ ଉତ୍ସର୍ଗୀକୃତ ଭାବରେ ସହଭାଗୀ ହେବାର ଶପଥ ନେବା ସହିତ ନିଜ ସେବାର ମାନ ମର୍ଯ୍ୟାଦା ବୃଦ୍ଧି ନିମିତ୍ତ ଶପଥ ନେଇଥାନ୍ତି । ଏହାର କାର୍ଯ୍ୟକାରିତା ଓ ନିଜର ବୃତ୍ତିଗତ ସମସ୍ୟା ସମାଧାନ ନିମିତ୍ତ ସଠିକ୍ ଭାବରେ କାର୍ଯ୍ୟ କରିବାର ମାର୍ଗ ଦର୍ଶକ ଭାବରେ ଓଡ଼େଶା ସର୍ବଦା କାର୍ଯ୍ୟ କରିଆସୁଛି। ସମସ୍ତ ଡିପ୍ଲୋମା ଇଂଜିନିୟର ମାନଙ୍କୁ ଐକ୍ୟବଦ୍ଧ କରି ସରକାରଙ୍କ ସହିତ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନର ପନ୍ଥା ନିର୍ଣ୍ଣୟ କରିଛି ଓ ସେଥିରେ ସଫଳକାମୀ ମଧ୍ୟ ହୋଇଛି। ଅନ୍ୟ ପକ୍ଷରେ ସରକାରଙ୍କର କୌଣସି ପ୍ରକାର ଅନ୍ୟାୟ, ଅନୀତି ବା ଅଣଦେଖା ନୀତିକୁ ମଥାପାତି ସହିଯିବାର ଶିକ୍ଷା ଆମ ସଂଘ ଆଦୌ ଦିଏନାହିଁ । ଅନ୍ୟାୟ, ଅନୀତିକୁ ସହିଯିବା ହେଉଛି ଭିରୁତାର ଲକ୍ଷଣ । ଆମେ ଆମର ସରକାରୀ ଦାୟିତ୍ୱ ଓ କର୍ତ୍ତବ୍ୟକୁ ନିଷ୍ଠା, ଆନ୍ତରିକତା, ସମୟାନୁର୍ତ୍ତିତା ଓ ସ୍ୱଚ୍ଛତାର ସହ କରିବାକୁ ଯେଉଁଭଳି ଭାବରେ ଅଙ୍ଗୀକାରବଦ୍ଧ, ନିଜର ଦାବି ହାସଲ ପାଇଁ ସରକାରୀ ଅବହେଳା, ଅନ୍ୟାୟ ଓ ଅନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ ନିମିତ୍ତ ଆମ୍ଭେମାନେ ମଧ୍ୟ ସେହିଭଳି ଅଙ୍ଗୀକାରବଦ୍ଧ।

ବିଗତ ଦିନମାନଙ୍କରେ ଆମର ଐକ୍ୟବଦ୍ଧ ସଂଗ୍ରାମ ବା ଗଣତାନ୍ତ୍ରିକ ଆନ୍ଦୋଳନ ଆମକୁ ଅନେକ ସଫଳତା ଦେଇଛି । ଠିକା ନିଯୁକ୍ତମାନଙ୍କୁ ଛଅବର୍ଷ ପରେ ନିୟମିତ କରାଯିବା, ପଞ୍ଚାୟତିରାଜ ବିଭାଗରେ ସ୍କିମ୍ କନିଷ୍ଠ ଯନ୍ତ୍ରୀ ଓ ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକମାନଙ୍କୁ କ୍ୟାଡରଭୁକ୍ତ କରି ନିୟମିତ କରିବା ସହିତ ଉକ୍ତ ବିଭାଗରେ କାର୍ଯ୍ୟରତ ୩୧୪ ଜଣ କନିଷ୍ଠ ଯନ୍ତ୍ରୀ-୨ଙ୍କ ଚାକିରୀ ନଗର ଉନ୍ନୟନ ବିଭାଗରେ ନିୟମିତ କରିବା, ସହକାରୀ ଯନ୍ତ୍ରୀ ପଦବୀରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ହାର ଶତକଡ଼ା ୩୩ ଭାଗରୁ ୪୦ ଭାଗକୁ ବୃଦ୍ଧି, କନିଷ୍ଠଯନ୍ତ୍ରୀରୁ ସହକାରୀ ଯନ୍ତ୍ରୀ ପଦବୀକୁ ଶତକଡ଼ା ୬୦ଭାଗକୁ ବୃଦ୍ଧି ଆଦି ଅନେକ ଦାବି ହାସଲ ହୋଇଛି । ବିଶେଷକରି କନିଷ୍ଠ ଯନ୍ତ୍ରୀ ପଦବୀରେ କେବଳ ଡିପ୍ଲୋମା ଇଂଜିନିୟରମାନଙ୍କର ନିଯୁକ୍ତି ହେବା ଭଳି ଏକ ଐତିହାସିକ ନିୟମ କାର୍ଯ୍ୟକ୍ଷମ କରିବାର ସଫଳତା ଆମର ଏହି ଦୃଢ ସଂକଳ୍ପ, ଦୃଢସାଂଗଠନିକ ଶକ୍ତି ଓ କ୍ରମାଗତ ସଂଗ୍ରାମ ଯୋଗୁଁ ସମ୍ଭବ ହୋଇପାରିଛି ।

ବନ୍ଧୁଗଣ ! ବିଗତ ବର୍ଷ ମାନଙ୍କରେ ସଂଘର ୭ଦଫା ଦାବି ସରକାରଙ୍କ ନିକଟରେ ଉପସ୍ଥାପିତ ହୋଇଆସୁଛି । ହେଲେ ସରକାରଙ୍କ ତରଫରୁ ଏହା ଉପରେ କୌଣସି ସକରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଥିଲେ ସୁଦ୍ଧା ଡିପ୍ଲୋମା ଇଂଜିନିୟର ମାନଙ୍କ ଦାବି ପ୍ରତି ନୂତନ ସରକାର କୌଣସି ସୁବିଚାର କରୁନାହାଁନ୍ତି ଓ ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛନ୍ତି । ଦୀର୍ଘଦିନ ଧରି ସରକାରଙ୍କ ନିକଟରେ ଉପସ୍ଥାପିତ ହୋଇଥିବା ଆମ ସଂଘର ୭ଦଫା ଦାବି ମଧ୍ୟରେ ପ୍ରମୁଖ ଦାବି ହେଉଛି ସହକାରୀ ଯନ୍ତ୍ରୀ ପଦବୀରୁ ସହକାରୀ

ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ହାର ଶତକଡ଼ା ୪୦ ଭାଗରୁ ୫୦ ଭାଗକୁ ବୃଦ୍ଧି। ଦ୍ୱିତୀୟ ଜ୍ୱଳନ୍ତ ସମସ୍ୟା ହେଉଛି ୨୦୦୩ରୁ ୨୦୧୩ ମସିହା ମଧ୍ୟରେ ଠିକା ନିଯକ୍ତି ପାଇଥିବା ଡିପ୍ଲୋମା ଇଂଜିନିୟରମାନେ ସରକାରଙ୍କ ଭୁଲ୍ ନିଷ୍ପତ୍ତି ଯୋଗୁଁ ଉପଯୁକ୍ତ ଦରମା ହାର ନ ପାଇ ଘୋର ଆର୍ଥିକ କ୍ଷତି ସହୁଛନ୍ତି ଓ ଏଥିରେ ପ୍ରାୟ ତିନି ହଜାର କନିଷ୍ଠ ଯନ୍ତ୍ରୀ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ତୃତୀୟ ପ୍ରମୁଖ ଦାବିଟି ହେଉଛି କନିଷ୍ଠ ଯନ୍ତ୍ରୀ ପଦବୀରୁ ସହକାରୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ନିମିତ୍ତ ଯୋଗ୍ୟତା ବର୍ଷ ଭାବେ ୭ ବର୍ଷର ନିୟମିତ ଚାକିରୀ ରଖାଯାଇଛ, ଏହାକୁ ଏକବର୍ଷ କରିବା ନିମିତ୍ତ ଆମ ସଂଘ ଦାବି ଜଣାଇଆସୁଛି । ପୂର୍ବରୁ ଠିକା ନିଯୁକ୍ତି ସମୟ ୬ ବର୍ଷ ଓ ନିୟମିତ ସେବା ଅବଧି ଏକ ବର୍ଷକୁ ହିସାବକୁ ନିଆଯାଇ ୭ ବର୍ଷ ରଖାଯାଇଥିଲା । ଇତିମଧ୍ୟରେ ଠିକା ବ୍ୟବସ୍ଥା ଉଚ୍ଛେଦ ପରେ କେବଳ ଏକ ବର୍ଷ ନିୟମିତ ଚାକିରୀ ଅବଧିକୁ ଯୋଗ୍ୟତାର ମାପକାଠି ଭାବରେ ବିଚାର କରିବାକୁ ସରକାରଙ୍କ ନିକଟରେ ସଂଘ ଦାବି ଜଣାଇଛି । ଆଜିର ଦିନରେ ପ୍ରାୟ ତିନି ହଜାର କନିଷ୍ଠ ଯନ୍ତ୍ରୀ ଏହି କାରଣରୁ ପଦୋନ୍ନତି ପାଇବାରୁ ବଞ୍ଚିତ ହୋଇରହିଛନ୍ତି । ଏହା ବ୍ୟତୀତ ସମସ୍ତଙ୍କ ନିମିତ୍ତ ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ, ସବୁ ବିଭାଗ ନିମିତ୍ତ ଏକକ କ୍ୟାଡର ରୁଲ୍ ପ୍ରଚଳନ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଦାବି ସବୁ ସରକାରରଙ୍କ ନିକଟରେ ଉପସ୍ଥାପିତ ହୋଇଥିଲେ ସୁଦ୍ଧା ସରକାର ଏଥିପ୍ରତି କୌଣସି ଗୁରୁତ୍ୱ ଦେଉନାହାଁନ୍ତି ।

ବନ୍ଧୁଗଣ ! ଆମର ୭ ଦଫା ଦାବି ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ । ହେଲେ ଆମ୍ଭମାନଙ୍କର ସଚେତନତାର ଅଭାବ, ସାଙ୍ଗଠନିକ ଦୁର୍ବଳତା ହିଁ ଆଜି ଆମ୍ଭମାନଙ୍କୁ ନ୍ୟାୟ ଦେବାରେ ଓ ଆମର ହକ୍ ପାଇବାରେ ମୁଖ୍ୟ ପ୍ରତିବନ୍ଧକ ସାଜିଛି । ବିଗତ ଏକବର୍ଷ ମଧ୍ୟରେ ସଂଘ ତରଫରୁ ଯେଉଁ ସବୁ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି ତାହା ତୃରମୂଳ ସ୍ତରରେ କାର୍ଯ୍ୟକାରୀ ହୋଇପାରିନାହିଁ। ଆମର ୭ଦଫା ସମ୍ବଳିତ ଦାବିପତ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମିତ୍ତ ସମସ୍ତ ଶାଖା କମିଟି ତରଫରୁ ସ୍ଥାନୀୟ  ବିଧାୟକମାନଙ୍କ ଅନୁମୋଦନ କରି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇବା ପାଇଁ ହୋଇଥିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ବିଫଳ ହୋଇଛି। ସାଙ୍ଗଠନିକ ଶକ୍ତିବୃଦ୍ଧି ନିମିତ୍ତ ସମସ୍ତ ୩୧୪ ବ୍ଲକ କମିଟି ପୁର୍ନଗଠନ ପାଇଁ ହୋଇଥିବା ନିଷ୍ପତ୍ତି ମଧ୍ୟ ବିଫଳ ହୋଇଛି। ସଂଘ ଓ ସଂଗଠନର ଏଭଳି ଶିଥିଳତା ପାଇଁ ଆମେ ସମସ୍ତେ ସାମୁହିକ ଭାବରେ ଦାୟୀ । ଏହା ଆମର ନିଷ୍କ୍ରିୟତାକୁ ହିଁ ସୁଚାଇ ଦେଇଛି। ଏଥିପାଇଁ ଆମକୁ ଆତ୍ମ ସମୀକ୍ଷା କରିବାର ଆବଶ୍ୟକତା ରହିଛି । ସରକାରଙ୍କ ନିକଟରେ ଦୃଢତାର ସହିତ ଆମେ ଆମ ସଂଘର ଶକ୍ତିକୁ ପ୍ରଦର୍ଶନ କରି ନପାରିଲେ ଆମର ଦାବି ହାସଲ ସମ୍ଭବ ହୋଇପାରିବ ନାହିଁ । ଶକ୍ତି ପ୍ରଦର୍ଶନ ବା ଆନ୍ଦୋଳନ ବ୍ୟତୀତ ସଂଘ ନିକଟରେ କିମ୍ବା ଆମ ନିକଟରେ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ, ଯେଉଁ ବ୍ୟବସ୍ଥା ଦ୍ୱାରା ଆମେ ଆମର ଦାବି ହାସଲ କରିପାରିବା।

ବନ୍ଧୁଗଣ ! ଆଜି ରାଜ୍ୟର ଆଠହଜାରରୁ ଉର୍ଦ୍ଧ୍ୱ ଡିପ୍ଲୋମା ଇଂଜିନିୟର ମାନଙ୍କର ଆତ୍ମ ସମ୍ମାନର ପ୍ରଶ୍ନ ଉଠିଛି । ରାଜ୍ୟର ସର୍ବପୁରାତନ ସେବାସଂଘ ଯିଏ ଆଜି ୮୨ ବର୍ଷରେ ପଦାର୍ପଣ କରିଛି, ଯେଉଁ ସଂଘ ଅନ୍ୟତମ ଶ୍ରେଷ୍ଠ ଲଢୁଆ ସଂଗଠନ ଭାବରେ ସାରା ରାଜ୍ୟର କର୍ମଚାରୀମାନଙ୍କୁ ବାଟ ଦେଖାଉଥିଲା, ତାହାର ଆଜି ଏ ଯେଉଁ ଚିନ୍ତାଜନକ ସ୍ଥିତି ହୋଇଛି ଏଥିପାଇଁ ଇତିହାସ ଆମକୁ କ୍ଷମା ଦେବନାହିଁ । ଆଜି ସମସ୍ତ ସଦସ୍ୟସଦସ୍ୟା ଏଥିଲାଗି ସଜାଗ ହେବା ସହିତ ଆଗକୁ କଠିନ ନିଷ୍ପତ୍ତି ନେବାର ସମୟ ଆସିଛି ।

ବିଦାୟ ନେଇଛି ବର୍ଷ ୨୦୨୫ ଓ ଆସୁଛି ନୂଆବର୍ଷ ୨୦୨୬। ଡିପ୍ଲୋମା ଇଂଜିନିୟରମାନଙ୍କର ଆତ୍ମସମ୍ମାନ ଓ ସାମାଜିକ ସ୍ଥିତି ବଜାୟ ରଖିବା ସହିତ ନିଜର ନ୍ୟାଯ୍ୟ ଦାବି ହାସଲ ପାଇଁ ୨୦୨୬ ବର୍ଷରେ ଆମେ ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ କରିବା ସହିତ ଦାବି ହାସଲ ପାଇଁ ସରକାରଙ୍କ  ନିକଟରେ ଗଣତାନ୍ତ୍ରିକ ଉପାୟରେ ନିଜର ଦାବିକୁ ପ୍ରଭାବୀ ଢଙ୍ଗରେ ଉପସ୍ଥାପନ କରି ଡିପ୍ଲୋମା ଇଂଜିନିୟରମାନଙ୍କ ପ୍ରତି ସରକାରଙ୍କର ଥିବା ଅଣଦେଖା ମନୋଭାବର ଦୃଢ ଜବାବଦେବା ଓ ଆମର ହକ୍‌କୁ ହାସଲ କରିବା । ଆଗାମୀ ଦିନରେ ସଂଘର ଯେକୌଣସି ପ୍ରକାର ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମରେ ଜଣେ ଜଣେ ସଚେତନ ତଥା ଦାୟିତ୍ୱବାନ୍ ସଦସ୍ୟ ସଦସ୍ୟା ଭାବରେ ନିଜର ସକ୍ରିୟ ଯୋଗଦାନ କରି ସଂଘୀୟ ସଫଳତାରେ ଭାଗୀଦାର ହେବା । ଏହାହିଁ ଆମର ଧ୍ୟେୟ ହେଉ । ଏଥିନିମିତ୍ତ ଆଗାମୀ ୨୦୨୬ବର୍ଷ ହେଉ ସଂଗଠନର ବର୍ଷ। ଆଗାମୀ ୨୦୨୬ ବର୍ଷ ହେଉ ସଂଗ୍ରାମର ବର୍ଷ ।

ସଂଘୀୟ ଏକତା ଜିନ୍ଦାବାଦ୍ !          ଓଡ଼ିଶା ଜିନ୍ଦାବାଦ୍ !!

**ଇଂ. ପ୍ରଭାତ କୁମାର ନାୟକ**

**ସାଧାରଣ ସମ୍ପାଦକ, ଓଡ଼ିଶା ତଥା ସମ୍ପାଦକ, ଟେକ୍ନୋସ୍କ୍ରାଇବ୍**

# କେନ୍ଦ୍ରୀୟ କାର୍ଯ୍ୟକାରିଣୀର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ

ଗତ ତା ୧୨।୧୨।୨୦୨୫ରିଖ ଶୁକ୍ରବାର ସନ୍ଧ୍ୟା ୭ ଘଟିକା ସମୟରେ ଓଡ଼ିଶାର ସ୍ୱତନ୍ତ୍ର କେନ୍ଦ୍ରୀୟ କାର୍ଯ୍ୟକାରିଣୀ ବୈଠକ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଜରୁରୀକାଳୀନ ବୈଠକରେ ଓଡ଼ିଶାର ସଭାପତି ଇଂ. ଶ୍ରୀକାନ୍ତ ମହାପାତ୍ର ଅଧକ୍ଷତା କରିଥିଲେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସଂଘର ସାଧାରଣ ସମ୍ପାଦକ ଇଂ. ପ୍ରଭାତ କୁମାର ନାୟକ ନିଜର ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରି ସଂଘର ବିଭିନ୍ନ କାର୍ଯ୍ୟାବଳୀର ତଥ୍ୟ ରଖିଥିଲେ । ବିଭିନ୍ନ ବିଭାଗର ସମସ୍ୟା, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ସଂଘର ୭ ଦଫା ଦାବିପତ୍ର ଦାଖଲର ଅଗ୍ରଗତି, ସାଙ୍ଗଠନିକ ସ୍ଥିତି ଓ ଅନ୍ୟାନ୍ୟ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ନିଜର ବକ୍ତବ୍ୟରେ ଆଗାମୀ ଡିସେମ୍ବର ୨୭ ତାରିଖରେ ସଂଘର ଚଳିତ ବର୍ଷର ଚତୁର୍ଥ ସାଧାରଣ ପରିଷଦ ବୈଠକ ଓ ଆଗାମୀ ୨୦୨୬ ମସିହା ଜାନୁଆରୀ ୧୯ ଓ ୨୦ ତାରିଖରେ ସଂଘର ୮୦ତମ ସାଧାରଣ ସଭା ଓ ବାର୍ଷିକ ସମ୍ମିଳନୀ ଆୟୋଜନ କରିବା ନିମିତ୍ତ ପ୍ରସ୍ତାବ ରଖିଥିଲେ । ତତ୍‌ସହିତ ବାର୍ଷିକ ସମ୍ମିଳନୀ ନିମିତ୍ତ ଆବଶ୍ୟକ ଥିବା କାର୍ଯ୍ୟସୂଚୀ ଉପରେ ଆଲୋକପାତ କରି ବୈଠକର ଅନୁମୋଦନ ପାଇଁ ଅନୁରୋଧ କରିଥିଲେ।

ବୈଠକରେ ଉପସ୍ଥିତ ସଂଘର ଉପସଭାପତି ଇଂ. ସୁଦର୍ଶନ ବେହେରା ଡାଏରୀ - ୨୦୨୬ ପ୍ରସ୍ତୁତିର ଅନ୍ତିମ ସ୍ଥିତି ଉପସ୍ଥାପନ କରିବା ସହିତ ବିଜ୍ଞାପନ ରାଶି ସଂଗ୍ରହରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଏହାପରେ ବୈଠକରେ ଦାବି ହାସଲ ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ସଂଘର ଅର୍ଥ ସମ୍ପାଦକ ଇଂ. ରେବତୀକାନ୍ତ କାନୁନ୍‌ଗୋ ଚାଟାର୍ଡ ଆକାଉଣ୍ଟଙ୍କ ଦ୍ୱାରା ଦିଆଯାଇଥିବା ଆୟକର ସମ୍ବନ୍ଧୀୟ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବୈଠକରେ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ । ଉପସ୍ଥିତ ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରି ନିଜ ନିଜର ସୁଚିନ୍ତିତ ମତ ରଖିଥିଲେ ଓ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବାପାଇଁ ପ୍ରସ୍ତାବ ଦେଇଥିଲେ । ବୈଠକରେ ସଂଘର ଉପଦେଷ୍ଟା ଇଂ. ଶ୍ରୀଧର ବାରିକ ନିଜର ମତ ରଖି ଆଗାମୀ ଦିନରେ ସଂଗ୍ରାମ ପାଇଁ ମାନସିକ ପ୍ରସ୍ତୁତି ଆରମ୍ଭ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ବୈଠକରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ଯୋଗଦେଇ ସଂଘର ପୂର୍ବତନ ସଭାପତି ଇଂ. ରମେଶ ଚନ୍ଦ୍ର ମହାନ୍ତି, ପୂର୍ବତନ ସାଧାରଣ ସମ୍ପାଦକ ଇଂ. ଯଶୋବନ୍ତ ନାୟକ, ଇଂ. ସଚିତ୍ର ମୋହନ ରାଉଳ ପ୍ରମୁଖ ସାଙ୍ଗଠନିକ ସ୍ଥିତି ଉପରେ ନିଜ ନିଜର ଉଦ୍‌ବେଗ ପ୍ରକାଶ କରିବା ସହିତ ଦାବି ହାସଲ ପାଇଁ ଆନ୍ଦୋଳନ ହିଁ ଏକମାତ୍ର ବାଟ ବୋଲି ମତ ରଖିଥିଲେ । ଏଥିନିମିତ୍ତ ସାମୁହିକ ନିଷ୍ପତ୍ତି ନେଇ ଆଗକୁ ଯିବା ପାଇଁ ପରାମର୍ଶ ଦେଇଥିଲେ । ତତ୍‌ସହିତ ଆଗାମୀ ବାର୍ଷିକ ସମ୍ମିଳନୀ ସମୟରେ ନିମନ୍ତ୍ରିତ ଅତିଥିମାନଙ୍କ ନିକଟରେ ଆମର ଦାବିକୁ ଉପସ୍ଥାପନ ନିମିତ୍ତ ଏକ ସୁଯୋଗ ରହିଛି ଓ ଏହାର ସଦୁପଯୋଗ କରିବା ନିମିତ୍ତ ପରାମର୍ଶ ଦେଇଥିଲେ। ଏହି ଅବସରରେ ସଂଘର ମୁଖପତ୍ର "ଟେକ୍ନୋସ୍କ୍ରାଇବ୍" ନଭେମ୍ବର-୨୦୨୫ ସଂଖ୍ୟାର ଉନ୍ମୋଚନ କରାଯାଇଥିଲା । ପ୍ରକାଶଥାଉକି କେତେକ ବୈଷୟିକ ଅସୁବିଧା ହେତୁ ଏହା ଦୀର୍ଘ ଦିନଧରି ପ୍ରକାଶିତ ହୋଇପାରୁ ନଥିଲା । ଶାଖା ସ୍ତରରୁ ଅନୁରୋଧ କ୍ରମେ ଏହାର ଇ-ସଂସ୍କରଣକୁ ପ୍ରକାଶନ କରାଯାଇଛି ।

ବୈଠକରେ ସମସ୍ତ ବିଷୟ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ହେବା ପରେ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା।

**ସଂଘର ସ୍ୱତନ୍ତ୍ର କେନ୍ଦ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ନିଷ୍ପତ୍ତି :**

୧. ଚଳିତ ବର୍ଷର ୪ର୍ଥ ସାଧାରଣ ପରିଷଦ ବୈଠକ ୨୦୨୫ ମସିହା ଡିସେମ୍ବର ୨୭ ତାରିଖରେ ଅନୁଷ୍ଠିତ ହେବ ।

୨. ସଂଘର ୮୦ତମ ସାଧାରଣ ସଭା ଓ ବାର୍ଷିକ ସମ୍ମିଳନୀ ଆଗାମୀ ୨୦୨୬ ମସିହା ଜାନୁଆରୀ ମାସ ୧୯ ଓ ୨୦ ତାରିଖରେ ଅନୁଷ୍ଠିତ ହେବ ଏବଂ ଜାନୁଆରୀ ୧୮ତାରିଖରେ ଏକ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହେବ ।

୩. ଆୟକର ନିୟମରେ ହୋଇଥିବା ପରିବର୍ତ୍ତନ ହେତୁ ସଂଘ ପ୍ରତି ଆସୁଥିବା ପ୍ରତିବନ୍ଧକକୁ ଦୂର କରିବା ନିମିତ୍ତ ଚାରିଟେବୁଲ୍ ମୋଡ୍ ମାଧ୍ୟମରେ ଟ୍ୟାକ୍ସ ଛାଡ଼ ସମୟ ସୀମା ବୃଦ୍ଧି ପାଇଁ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କ ଜରିଆରେ ଆବେଦନ କରାଯିବ । ଏହି ତଥ୍ୟକୁ ସାଧାରଣ ପରିଷଦ ଓ ସାଧାରଣ ସଭାକୁ ଅବଗତ କରାଯିବ ।

୪. ଅନୁଗୁଳ ଶାଖା ସମ୍ପାଦକ ଇଂ. ଅଜିତ୍ କୁମାର ନାୟକ ଢେଙ୍କାନାଳ ମହାମଣ୍ଡଳ ସମ୍ପାଦକ ଭାବରେ ମନୋନୀତ ।

୫. ସଂଘର ପୂର୍ବତନ ସଦସ୍ୟ ଇଂ. ନରେଶ କୁମାର ଦାସ ସଂଘ ପରିସରରେ ବିନା ଅନୁମତିରେ ସଂଘ ବାହାରର ଲୋକଙ୍କୁ ଏକାଠି କରି ଅବୈଧ ବୈଠକ କରାଇଥିବାରୁ ଉକ୍ତ କାର୍ଯ୍ୟକୁ ଏକ ବିଶୃଙ୍ଖଳିତ କାର୍ଯ୍ୟ ଭାବରେ ଗ୍ରହଣ କରାଗଲା ଏବଂ ସେ ଜଣେ ଅବସର ପ୍ରାପ୍ତ ସଦସ୍ୟ ହୋଇଥିବାରୁ ତାଙ୍କ ନାମକୁ ଓଡ଼ିଶା ଉପଦେଷ୍ଟା କମିଟିକୁ ସୁପାରିଶ କରାଯିବ । ଚୁଡାନ୍ତ ନିଷ୍ପତ୍ତି ହେବା ପର୍ଯ୍ୟନ୍ତ ସେ ସଂଘରୁ ପାଉଥିବା ସମସ୍ତ ସୁବିଧାକୁ ବନ୍ଦ କରାଯିବ ।

୬. ସଂଘ ଡାଏରୀ-୨୦୨୬ର ୪ଟି ପର୍ଯ୍ୟାୟର ମୁଦ୍ରଣ ସହିତ ଆଗାମୀ ୨୭ ଡିସେମ୍ବର-୨୦୨୫ରେ ହେବାକୁ ଥିବା ୪ର୍ଥ ସାଧାରଣ ପରିଷଦ ବୈଠକରେ ଏହାକୁ ବଣ୍ଟନ କରିବା ନିମିତ୍ତ ସ୍ୱତନ୍ତ୍ର ପଦକ୍ଷେପ ନେବା ନିମିତ୍ତ ସଂଘର ଉପସଭାପତି ଓ ସଂଗଠନ ସମ୍ପାଦକଙ୍କୁ ଅନୁରୋଧ ।

ଶେଷରେ ଧନ୍ୟବାଦ ପ୍ରସ୍ତାବ ସହିତ ସଭାସାଙ୍ଗ କରାଯାଇଥିଲା । ❑

# ପୂର୍ତ୍ତ ବିଭାଗ ଅଧିନସ୍ଥ ୧୬ଜଣ ବୈଦ୍ୟୁତିକ କନିଷ୍ଠ ଯନ୍ତ୍ରୀଙ୍କର ସହକାରୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି

ଦୀର୍ଘ ଦିନର ଲଢ଼େଇ ଓ ସରକାରୀ ସ୍ତରରେ ସଂଘର ପ୍ରଚେଷ୍ଟା ଫଳ ସ୍ୱରୂପ ପୂର୍ତ୍ତବିଭାଗ ଅଧିନରେ କାର୍ଯ୍ୟରତ ବୈଦ୍ୟୁତିକ କନିଷ୍ଠ ଯନ୍ତ୍ରୀମାନଙ୍କର ସହକାରୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ହୋଇଛି। ପୂର୍ତ୍ତ ବିଭାଗ ବିଜ୍ଞପ୍ତି ସଂଖ୍ୟା-୨୨୬୪୭, ତା ୧୮.୧୧.୨୦୨୫ରିଖ ମାଧ୍ୟମରେ ଏହି ନିର୍ଦ୍ଦେଶନାମାଟି ପ୍ରକାଶିତ ହୋଇଛି ଓ ଏଥିରେ ୧୬ଜଣ ବୈଦ୍ୟୁତିକ କନିଷ୍ଠଯନ୍ତ୍ରୀ ସହକାରୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ପାଇଛନ୍ତି । ଏହି ନିର୍ଦ୍ଦେଶନାମାଟି ପ୍ରକାଶିତ ହୋଇଥିବାରୁ ଉକ୍ତ ବିଭାଗରେ କାର୍ଯ୍ୟରତ ବୈଦ୍ୟୁତିକ କନିଷ୍ଠ ଯନ୍ତ୍ରୀମାନେ ଖୁସିବ୍ୟକ୍ତ କରିଛନ୍ତି । ପ୍ରକାଶଥାଉକି ଦୀର୍ଘଦିନ ଧରି ଏହି ପଦୋନ୍ନତି ନିମିତ୍ତ ଅନେକ ପ୍ରୟାଶ କରାଯାଇଥିଲେ ସୁଦ୍ଧା ବୈଦ୍ୟୁତିକ କନିଷ୍ଠ ଯନ୍ତ୍ରୀମାନଙ୍କ ମୂଳ ଚାକିରୀ ଶକ୍ତି ବିଭାଗ ହୋଇଥିବାରୁ ଏହି ପଦୋନ୍ନତି ପୂର୍ତ୍ତ ବିଭାଗ କିମ୍ବା ଶକ୍ତି ବିଭାଗ ଦ୍ୱାରା ପ୍ରକାଶିତ ହେବା ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା ଓ ଦୀର୍ଘଦିନ ଧରି ବିଭାଗୀୟ ଡିପ୍ଲୋମା ଇଂଜିନିୟରମାନଙ୍କ ମଧ୍ୟରେ ଘୋର ନୈରାଶ୍ୟ ଭାବ ସୃଷ୍ଟି ହୋଇଥିଲା । ଏଥିନିମିତ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ବହୁବାର ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ପଦୋନ୍ନତି ବିଜ୍ଞାପନଟି ପ୍ରକାଶିତ ହୋଇଛି । ଏହି ନିର୍ଦ୍ଦେଶନାମାଟି ପ୍ରକାଶିତ ହୋଇଥିବାରୁ ସଂଘ ତରଫରୁ ବିଭାଗୀୟ ସଚିବ ଓ ଅନ୍ୟ ଅଧିକାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି । ଏଥି ସହିତ ପଦୋନ୍ନତି ପାଇଥିବା ଡିପ୍ଲୋମା ଇଂଜିନିୟରମାନଙ୍କୁ ମଧ୍ୟ ସଂଘ ତରଫରୁ ଶୁଭେଚ୍ଛା ଜଣାଯାଇଛି । ❑

# ଭୁବନେଶ୍ୱର ଶାଖା କମିଟିର ବାର୍ଷିକ ସାଧାରଣ ସଭା ଓ ୨୦୨୬ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ

ସଂଘର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘ ଭୁବନେଶ୍ୱର ଶାଖା କମିଟିର ବାର୍ଷିକ ସାଧାରଣ ସଭା ଓ ୨୦୨୬ ବର୍ଷ ନିମିତ୍ତ ଶାଖା କମିଟିର ନୂତନ କର୍ମକର୍ତ୍ତା ଚୟନ ତା ୦୩.୧୨.୨୦୨୫ ବୁଧବାର ଦିବା ୧ଘଟିକା ସମୟରେ ଓଡ଼େଶା ଭବନସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଶାଖା ସଭାପତି ଇଂ. ରବୀନ୍ଦ୍ର କୁମାର ବାରିକ ଅଧ୍ୟକ୍ଷତା କରିଥିଲେ । ଓଡ଼େଶାର ଉପଦେଷ୍ଟା ଇଂ. ଶ୍ରୀଧର ବାରିକ, ସଭାପତି ଇଂ. ଶ୍ରୀକାନ୍ତ ମହାପାତ୍ର ଓ ସାଧାରଣ ସମ୍ପାଦକ ଇଂ. ପ୍ରଭାତ କୁମାର ନାୟକଙ୍କ ସମେତ କେନ୍ଦ୍ରୀୟ କାର୍ଯ୍ୟକାରିଣୀର ଅନ୍ୟାନ୍ୟ ସଦସ୍ୟମାନେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ଯୋଗଦାନ କରିଥିଲେ । ସଭାପତିଙ୍କର ସ୍ୱାଗତ ଅଭିଭାଷଣ ପରେ ଶାଖାର ସମ୍ପାଦକ ଇଂ. ସଚ୍ଚିଦାନନ୍ଦ ଖଟୁଆ ନିଜର ଅଭିଭାଷଣରେ ଶାଖାର ବାର୍ଷିକ ବିବରଣୀ ସଭାରେ ଉପସ୍ଥାପନ କରିଥିଲେ, ୨୦୨୬ ବର୍ଷ ନିମିତ୍ତ ଅଧିକ ସଂଖ୍ୟାରେ ଡାଏରୀ ବିଜ୍ଞାପନ ରାଶି ସଂଗ୍ରହରେ ସମସ୍ତ ସଦସ୍ୟସଦସ୍ୟାମାନଙ୍କର ସହଯୋଗ କାମନା କରିଥିଲେ । ତତ୍ ସହିତ ଶାଖା କମିଟିର ସଦସ୍ୟମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ମଧ ସମସ୍ତଙ୍କୁ ଅବଗତ କରାଇଥିଲେ । ସଂଘର ନିଷ୍ପତ୍ତି ଅନୁଯାୟୀ ଶାଖା କମିଟି ତରଫରୁ ସ୍ଥାନୀୟ ବିଧାୟକମାନଙ୍କ ମାଧ୍ୟମରେ ସଂଘର ୭ ଦଫା ଦାବିପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଥିବା ପ୍ରକାଶ କରିଥିଲେ । ବିଗତ ଦିନମାନଙ୍କରେ ସଂଘ ତରଫରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକ ପ୍ରତି ଶାଖା ତରଫରୁ ଯେଉଁ ସହଯୋଗ ଓ ସମର୍ଥନ ଦିଆଯାଇଥିଲା ତାହା ଆଗାମୀ ଦିନରେ ବଜାୟ ରହିବ ବୋଲି ଦୃଢ଼ଭାବରେ ଘୋଷଣା କରିବା ସହିତ ଏଥିରେ ସହଯୋଗ ଦେବା ନିମିତ୍ତ ଶାଖା କମିଟିର ସମସ୍ତ ସଦସ୍ୟସଦସ୍ୟାମାନଙ୍କୁ ଅନୁରୋଧ କରିଥିଲେ ।

ଏହି ବୈଠକରେ କେନ୍ଦ୍ରୀୟ କାର୍ଯ୍ୟକାରିଣୀର ଉପଦେଷ୍ଟା ଇଂ. ଶ୍ରୀଧର ବାରିକ, ସଭାପତି ଇଂ. ଶ୍ରୀକାନ୍ତ ମହାପାତ୍ର, ସାଧାରଣ ସମ୍ପାଦକ ଇଂ. ପ୍ରଭାତ କମାର ନାୟକ ଯୋଗଦେଇ ସଂଘର ବିଭିନ୍ନ କାର୍ଯ୍ୟକ୍ରମ, ଦାବି ହାସଲ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ, ବିଭିନ୍ନ ବିଭାଗରେ ହୋଇଥିବା ପଦୋନ୍ନତି ଓ ଅନ୍ୟାନ୍ୟ ଛୋଟ ବଡ଼ ସମସ୍ୟା ସମାଧାନ ପାଇଁ ସଂଘ ତରଫରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ବିଷୟରେ ବିସ୍ତୃତ ଭାବରେ ସମସ୍ତଙ୍କୁ ଅବଗତ କରିଥିଲେ । ତତ୍‌ସହିତ ସଂଘ ସମ୍ମୁଖରେ ପ୍ରମୁଖ ଭାବରେ ଦେଖା ଦେଇଥିବା ସମସ୍ୟା ଯଥା - (୧)୨୦୦୩ ରୁ ୨୦୧୩ ମସିହା ମଧ୍ୟରେ ଠିକା ନିଯୁକ୍ତି ପାଇଥିବା ଡିପ୍ଲୋମା ଇଂଜିନିୟର ମାନଙ୍କର ଦରମା ହାରରେ ଅଂସଗତି, (୨) କନିଷ୍ଠ ଯନ୍ତ୍ରୀ ପଦବୀରୁ ସହକାରୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ପାଇଁ ଥିବା ୭ ବର୍ଷ ନିୟମିତ ଚାକିରୀର କଟକଣା ନ ହଟିବାରୁ ସଂଖ୍ୟାଧିକ ସଦସ୍ୟ ପଦୋନ୍ନତିରୁ ବଞ୍ଚିତ ହେଉଥିବା (୩) ସହକାରୀ ଯନ୍ତ୍ରୀରୁ ସହକାରୀ ନିର୍ବାହ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ହାର ଶତକଡ଼ା ୫୦ ଭାଗକୁ ବୃଦ୍ଧି (୪) ପଞ୍ଚାୟତିରାଜ ବିଭାଗରେ ବିଭିନ୍ନ ସମସ୍ୟା ସବୁର ସମାଧାନ ପାଇଁ ଏକକ କ୍ୟାଡର ରୁଲ୍ ପ୍ରଚଳନ ଆଦିର ସମାଧାନ ପାଇଁ ସାଙ୍ଗଠନିକ ଶକ୍ତିକୁ ବୃଦ୍ଧି କରିବାର ଆବଶ୍ୟକତା ଥିବା ଦର୍ଶାଇଥିଲେ । ଉପରୋକ୍ତ ସମସ୍ତ ଦାବି ହାସଲ ହେଲେ ଉପକୃତ ହେବାକୁ ଥିବା ସଦସ୍ୟଙ୍କ ସଂଖ୍ୟା ସହିତ ନୂତନ ନିଯୁକ୍ତି ପାଇଁ ଖାଲିଥିବା ସଂଖ୍ୟାର ଏକ ତଥ୍ୟଭିତ୍ତିକ ପରିସଂଖ୍ୟାନ ସଭାରେ ଉପସ୍ଥାପନ କରିଥିଲେ । ସଂଘ ତରଫରୁ ବିଗତ ଏକବର୍ଷ ମଧ୍ୟରେ ରାଜ୍ୟ ମନ୍ତ୍ରୀମଣ୍ଡଳର ବିଭାଗୀୟ ମନ୍ତ୍ରୀମାନଙ୍କୁ ବିଭିନ୍ନ ଉତ୍ସବ ସମୟରେ ସଂଘ ପରିସରକୁ ଅତିଥି ଭାବରେ ଡାକି ଦାବିଗୁଡ଼ିକ ବିଷୟରେ ଅବଗତ କରାଯାଇଅଛି । ସଂଘର ଏସବୁ ଦାବି ହାସଲ ପାଇଁ ସରକାରଙ୍କର ନୀରବତାକୁ ସଭାରେ ଦୃଢ଼ ଭାବରେ ବିରୋଧ କରାଯାଇଥିଲା । ମାନ୍ୟବର ମୁଖ୍ୟମନ୍ତ୍ରୀ, ପୂର୍ତ୍ତମନ୍ତ୍ରୀ, ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ,

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ସମସ୍ତ ବିଭାଗୀୟ ସଚିବମାନଙ୍କୁ ସମସ୍ତ ବିଷୟ ବାରମ୍ବାର ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନଥିବାରୁ ସଭାପତି ନିଜର କ୍ଷୋଭ ପ୍ରକାଶ କରିବା ସହିତ ଆଗାମୀ ଦିନରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ପାଇଁ ସମସ୍ତେ ପ୍ରସ୍ତୁତ ହେବା ନିମିତ୍ତ ଅନୁରୋଧ କରିଥିଲେ ।

ବୈଠକରେ ସଂଘର ସାମ୍ପ୍ରତିକ ସ୍ଥିତି, ସାଙ୍ଗଠନିକ ଶକ୍ତି କିପରି ବୃଦ୍ଧି ହେବ ଓ ସଂଘର ଦାବି ଗୁଡ଼ିକ ହାସଲ ସହିତ ବିଭିନ୍ନ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ସଂଘୀୟ ଏକତାର ଆବଶ୍ୟକତା ବିଷୟରେ ବକ୍ତାମାନେ ବକ୍ତବ୍ୟ ରଖିଥିଲେ । ତୃଣମୂଳ ସ୍ତରରୁ ସମସ୍ତଙ୍କୁ ସାମିଲ୍ କରି ସାଙ୍ଗଠନିକ ଶକ୍ତିବୃଦ୍ଧି କରିବା ସହ ମାନସିକ ସ୍ତରରେ ଆନ୍ଦୋଳନ ପାଇଁ ସମସ୍ତେ ପ୍ରସ୍ତୁତ ହେବାପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏଥିନିମିତ୍ତ ବ୍ଲକସ୍ତରରୁ ସଂଗଠନକୁ ସଜାଡ଼ିବା ସହିତ ନୂତନ ଭାବରେ ନିଯୁକ୍ତି ପାଇଥିବା ପ୍ରାୟ ୨୦୦୦ରୁ ଊର୍ଦ୍ଧ୍ୱ କନିଷ୍ଠ ଯନ୍ତ୍ରୀଙ୍କୁ ତୁରନ୍ତ ସଂଘର ସଦସ୍ୟଭୁକ୍ତ କରିବା ନିମିତ୍ତ କର୍ମକର୍ତ୍ତାମାନେ ଦାୟିତ୍ୱ ନେବାପାଇଁ ବକ୍ତାମାନେ ପରାମର୍ଶ ଦେଇଥିଲେ । ବିଗତ ଦିନ ଗୁଡ଼ିକରେ ସଂଘ ଯେତେବେଳେ ଯାହା ହାସଲ କରିଛି ସେ ସବୁ କେବଳ ଆନ୍ଦୋଳନ ଯୋଗୁଁ ସମ୍ଭବ ହୋଇଛି, ତେଣୁ ଦାବି ହାସଲ ପାଇଁ ଆନ୍ଦୋଳନ ହିଁ ଏକମାତ୍ର ପନ୍ଥା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ ଓ ଏଥିନିମିତ୍ତ ସଂଗଠନକୁ କ୍ରିୟାଶୀଳ କରିବାର ଆବଶ୍ୟକତା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ । ଏସବୁ କ୍ଷେତ୍ରରେ ପୂର୍ବରୁ ଯେଉଁଭଳି ସଫଳତା ମିଳିଛି ବକ୍ତାମାନେ ସେ ସବୁର ଉଦାହରଣ ଦେଇ ସମସ୍ତଙ୍କୁ ସଂଘର ପତାକା ତଳେ ଏକତ୍ରିତ ହେବା ନିମିତ୍ତ ଆହ୍ୱାନ ଦେଇଥିଲେ । ଅନ୍ୟାନ୍ୟ ବିଷୟ ମଧ୍ୟରେ ସଂଘର ଆର୍ଥିକ ସ୍ଥିତିକୁ ମଜଭୁତ କରିବା ପାଇଁ ୨୦୨୬ ବର୍ଷ ପାଇଁ ପ୍ରକାଶନ ହେବାକୁ ଯାଉଥିବା ଓଡ଼ିଶା ଡାଏରୀ ୨୦୨୬ରେ ବହୁଳ ସଂଖ୍ୟାରେ ଡାଏରୀ ବିଜ୍ଞାପନ ରାଶି ସଂଗ୍ରହ କରିବା ନିମିତ୍ତ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏଥିନିମିତ୍ତ ଶାଖା ତରଫରୁ ପଚିଶ ଲକ୍ଷ ଟଙ୍କାର ବିଜ୍ଞାପନ ରାଶି ସଂଗ୍ରହ ନିମିତ୍ତ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ।

ଆଲୋଚନାରେ ଅଂଶଗ୍ରହଣ କରି ବୈଠକରେ ଉପସ୍ଥିତ ସଦସ୍ୟମାନେ ମଧ୍ୟ ନିଜ ନିଜର ମତାମତ ଓ ବୃତ୍ତିଗତ ସମସ୍ୟାଗୁଡ଼ିକର ତଥ୍ୟ ରଖିଥିଲେ ଓ କେନ୍ଦ୍ରୀୟ କର୍ମକର୍ତ୍ତା ମାନଙ୍କଠାରୁ ବିଭାଗୀୟ ସମସ୍ୟା ସମାଧାନ ବିଷୟରେ ଜାଣିବାକୁ ଚାହିଁଥିଲେ । ସଭାରେ ଉତ୍‌ଥାପିତ ସମସ୍ତ ପ୍ରଶ୍ନର ଉତ୍ତର ସଂଘର ସଭାପତି ଇଂ. ଶ୍ରୀକାନ୍ତ ମହାପାତ୍ର ଦେଇଥିଲେ । ବୈଠକରେ ସମସ୍ତ ବିଷୟ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ପରେ ସଂଘର ସମସ୍ତ ନିଷ୍ପତ୍ତିକୁ ଭୁବନେଶ୍ୱର ଶାଖା ପୂର୍ଣ୍ଣମାତ୍ରାରେ ସମର୍ଥନ ଦେବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା । ବୈଠକରେ ପୁରୀ ମହାମଣ୍ଡଳ ସମ୍ପାଦକ ଇଂ. ମକର ବେହେରା ଉପସ୍ଥିତ ରହି ସଂଘର ସମସ୍ତ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିବା ସହିତ ଭୁବନେଶ୍ୱର ଶାଖା ସବୁ କ୍ଷେତ୍ରରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଡାଏରୀ ବିଜ୍ଞାପନ ରାଶି ସଂଗ୍ରହରେ ମଧ୍ୟ ଶାଖା ଖୁବ୍ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ପ୍ରକଟ କରିଥିଲେ ।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୨୦୨୬ ବର୍ଷ ପାଇଁ ଶାଖାର ନୂତନ କର୍ମକର୍ତ୍ତାମାନଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ବିଶେଷ ଭାବରେ ଚଳିତ ନିର୍ବାଚନରେ ଅଧିକାଂଶ ଯୁବ ଓ ନୂତନ ସଦସ୍ୟ ଶାଖାର କର୍ମକର୍ତ୍ତା ଭାବରେ ନିର୍ବାଚିତ ହୋଇଥିଲେ । ଏହି ନିର୍ବାଚନରେ ଇଂ. ସତ୍ୟନାରାୟଣ ରଥ ଶାଖାର ସଭାପତି, ଇଂ. ପ୍ରବୀଣ କୁମାର ସିଂ ସମ୍ପାଦକ ଓ ଇଂ. ସଚିନ୍ଦ୍ରନାଥ ଖଟୁଆ ଉପଦେଷ୍ଟା ଭାବରେ ସର୍ବସମ୍ମତି ଭାବେ ମନୋନୀତ ହୋଇଥିଲେ । ଦୀର୍ଘ ସମୟ ଧରି ସଭାକାର୍ଯ୍ୟ ଶୃଙ୍ଖଳିତ ଭାବରେ ଶେଷ ହେବା ପରେ ଧନ୍ୟବାଦ ପ୍ରସ୍ତାବ ସହିତ ସଭା ସାଙ୍ଗ କରାଯାଇଥିଲା । ଏହି ଅବସରରେ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ତରଫରୁ ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ସ୍ୱାଗତ କରାଯିବା ସହିତ ଆଗାମୀ ଦିନର ଶୁଭେଚ୍ଛା ମଧ୍ୟ ଜଣାଯାଇଥିଲା । ବୈଠକରେ ଶାଖା କମିଟିର ସଦସ୍ୟ ସଦସ୍ୟାମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ । ❑

# ମୟୂରଭଞ୍ଜ ଶାଖାର ବାର୍ଷିକ ସାଧାରଣ ଅଧିବେଶନ

ଗତ ତା ୧୬.୧୧.୨୦୨୫ରିଖ ରବିବାର ଦିବା ୧୧ ଘଟିକା ସମୟରେ ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘ ମୟୂରଭଞ୍ଜ ଶାଖା କମିଟିର ବାର୍ଷିକ ସାଧାରଣ ଅଧିବେଶନ ବାରିପଦାସ୍ଥିତ ଶାଖା କମିଟି ସମ୍ମିଳନୀ କକ୍ଷଠାରେ ଶାଖା ସଭାପତି ଇଂ. ପ୍ରଭାତ କୁମାର ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଓଡ଼େଶାର ସାଧାରଣ ସମ୍ପାଦକ ଇଂ. ପ୍ରଭାତ କୁମାର ନାୟକ ଓ କାର୍ଯ୍ୟକାରୀ ସଦସ୍ୟ ଇଂ. ଜ୍ୟୋତିରଂଜନ ସାହୁ କେନ୍ଦ୍ରୀୟ ପ୍ରତିନିଧି ଭାବରେ ଯୋଗଦାନ କରିଥିଲେ । ସଭାକାର୍ଯ୍ୟ ପ୍ରାରମ୍ଭରେ ମଞ୍ଚାସୀନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ସଭାପତିଙ୍କର ସ୍ୱାଗତ ଅଭିଭାଷଣ ପରେ ଶାଖା ସମ୍ପାଦକ ଇଂ. ସଂଜୟ କୁମାର ପଢିଆରୀ ଶାଖାର ବାର୍ଷିକ ବିବରଣୀ ସହିତ ବିଭିନ୍ନ କାର୍ଯ୍ୟବଳୀ, ସଦସ୍ୟ ସଦସ୍ୟାମାନଙ୍କର ବିଭିନ୍ନ ବୃତ୍ତିଗତ ସମସ୍ୟା ବିଷୟରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବା ସହିତ ସଂଘ କାର୍ଯ୍ୟରେ କେନ୍ଦ୍ରୀୟ କାର୍ଯ୍ୟକାରିଣୀକୁ ପୂର୍ଣ୍ଣ ସମର୍ଥନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ବୈଠକରେ ଉପସ୍ଥିତ ସଂଘର ସାଧାରଣ ସମ୍ପାଦକ ଇଂ. ପ୍ରଭାତ କୁମାର ନାୟକ ନିଜର ବକ୍ତବ୍ୟରେ ସଂଘର ୭ ଦଫା ଦାବିର ସ୍ଥିତି, ଶାଖା ସ୍ତରରେ ଦାବି ହାସଲ ପାଇଁ ସଂଘର ନିଷ୍ପତ୍ତି ଅନୁଯାୟୀ ଗ୍ରହଣ କରାଯାଇଥିବା ପଦକ୍ଷେପ ବିଭିନ୍ନ ବିଭାଗରେ ବିଗତ ଏକବର୍ଷ ମଧ୍ୟରେ ହୋଇଥିବା ପଦୋନ୍ନତି, ପଞ୍ଚାୟତ ବିଭାଗର ସମସ୍ୟା ସମେତ ଅନ୍ୟାନ୍ୟ ବୃତ୍ତିଗତ ସମସ୍ୟାର ସମାଧାନ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ଓ ସ୍ଥିତି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରି ସମସ୍ତଙ୍କୁ ଅବଗତ କରାଇଥିଲେ । ଦାବି ହାସଲ ନିମିତ୍ତ ସଂଘର ନିଷ୍ପତ୍ତି ଅନୁଯାୟୀ ୭ ଦଫା ଦାବି ପତ୍ର ସ୍ଥାନୀୟ ବିଧାୟକମାନଙ୍କ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇବା ସମ୍ପୂର୍ଣ୍ଣ ବିଫଳ ହୋଇଛି ଓ ଏହା ସାଙ୍ଗଠନିକ ସ୍ଥିତିକୁ ପଦାରେ ପକାଇଛି ବୋଲି କହି ନିଜର କ୍ଷୋଭ ପ୍ରକାଶ କରିଥିଲେ । ସଂଘର ସାଙ୍ଗଠନିକ ସ୍ଥିତି ଅତ୍ୟନ୍ତ ନୈରାଶ୍ୟଜନକ ଥିବାରୁ ସଂଗଠନକୁ ବ୍ଲକ ସ୍ତରରୁ ସଜାଡ଼ିବାର ଆବଶ୍ୟକତା ଥିବା ସେ ପ୍ରକାଶ କରିଥିଲେ। ଏଥିସହିତ ବିଗତ ଦିନରେ ନୂତନ ନିଯୁକ୍ତି ପାଇଥିବା ପ୍ରାୟ ୩୦୦୦ କନିଷ୍ଠ ଯନ୍ତ୍ରୀଙ୍କୁ କିଭଳି ସଂଘର ସଦସ୍ୟଭୁକ୍ତ କରିହେବ, ସେଥିପ୍ରତି ଶାଖାର କର୍ମକର୍ତ୍ତାମାନେ ସ୍ୱତନ୍ତ୍ର ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ । ସଂଗଠନକୁ ସୁଦୃଢ଼ କରିପାରିଲେ ଆଗାମୀ ଦିନରେ ଦାବି ହାସଲ ପାଇଁ ଯେକୌଣସି ପ୍ରକାର ପଦକ୍ଷେପ ସଂଘ ନେଇପାରିବ ବୋଲି ପ୍ରକାଶ କରିଥିଲେ । ହେଲେ ଦାବି ହାସଲ ପାଇଁ ଆନ୍ଦୋଳନତ୍ମକ କାର୍ଯ୍ୟକ୍ରମ ହିଁ ଏକମାତ୍ର ପନ୍ଥା ବୋଲି ସେ କହିଥିଲେ ଓ ଏଥିନିମିତ୍ତ ସମସ୍ତେ ମାନସିକ ସ୍ତରରେ ପ୍ରସ୍ତୁତ ହେବା ପାଇଁ ଆହ୍ୱାନ ଦେଇଥିଲେ । ସଂଘର ନିଷ୍ପତ୍ତି ଅନୁସାରେ ଡିସେମ୍ବର ମାସ ସୁଦ୍ଧା ୭ ଦଫା ଦାବିପତ୍ର ଗୁଡ଼ିକୁ ସ୍ଥାନୀୟ ବିଧାୟକଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ତୁରନ୍ତ ପ୍ରେରଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ ଓ ଏଥିପାଇଁ ସମସ୍ତେ ଆନ୍ତରିକତା ସହ ପ୍ରୟାଶ କରିବା ପାଇଁ ଅନୁରୋଧ । ବୈଠକରେ ସଂଘର ଡାଏରୀ-୨୦୨୬ ବିଷୟରେ ଆଲୋଚନା କରାଯାଇଥିଲା । ଏଥିରେ ଅଧିକରୁ ଅଧିକ ସଂଖ୍ୟାର ବିଜ୍ଞାପନ ରାଶି ସଂଗ୍ରହ କରି ସଂଘର ଆର୍ଥିକ ଅଭିବୃଦ୍ଧିରେ ସହଯୋଗ ଦେବା ନିମିତ୍ତ ଶାଖା କମିଟିର ସଦସ୍ୟମାନଙ୍କୁ ଅନୁରୋଧ କରାଯାଇଥିଲା । ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କ ଦ୍ୱାରା ଆଲୋଚନା କରାଯାଇ ସମସ୍ତ ପ୍ରସ୍ତାବକୁ ସମର୍ଥନ ଦିଆଯାଇଥିଲା ଏବଂ ସଦସ୍ୟମାନଙ୍କ ଦ୍ୱାରା ଉତ୍ଥାପନ କରାଯାଇଥିବା ପ୍ରଶ୍ନର ଉତ୍ତର ସାଧାରଣ ସମ୍ପାଦକ ଇଂ. ନାୟକ ପ୍ରଦାନ କରିଥିଲେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୨୦୨୬ ବର୍ଷ ପାଇଁ ଶାଖା କମିଟିର ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟ ସର୍ବସମ୍ମତିକ୍ରମେ ସମାପନ ହୋଇଥିଲା । ଖୁବ୍‌ଶୀଘ୍ର ଶାଖାର ସମସ୍ତ ବ୍ଲକ କମିଟି ଗୁଡ଼ିକ ପୁନର୍ଗଠନ ହେବ ବୋଲି ଶାଖା ସମ୍ପାଦକ ପ୍ରତିଶ୍ରୁତି ଦେଇଥିଲେ । ବୈଠକରେ ଶାଖାର ସଦସ୍ୟସଦସ୍ୟା ବହୁ ସଂଖ୍ୟାରେ ଯୋଗାଯୋଗ କରି ସଭାଟିକୁ ସଫଳ କରିଥିଲେ ।

ଶେଷରେ ଧନ୍ୟବାଦ ପ୍ରସ୍ତାବ ପରେ ସଭା ସାଙ୍ଗ କରାଯାଇଥିଲା । ❑

# ନବରଙ୍ଗପୁର ଶାଖାର ବାର୍ଷିକ ସମ୍ମିଳନୀ

ଗତ ତା ୦୯.୧୧.୨୦୨୫ରିଖ ରବିବାର ଦିବା ୧୧ ଘଟିକା ସମୟରେ ଓଡ଼ିଶା ଡିପ୍ଲୋମା ଇଂଜିନିୟର ନବରଙ୍ଗପୁର ଶାଖା କମିଟିର ବାର୍ଷିକ ସମ୍ମିଳନୀ ଓ ୨୦୨୬ ବର୍ଷ ପାଇଁ ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚନ କାର୍ଯ୍ୟ ସମାପାନ ହୋଇଯାଇଅଛି । ସଂଘର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ଏହି ବୈଠକରେ ଶାଖାର ସଭାପତି ଇଂ. ପ୍ରଶାନ୍ତ କୁମାର ଚୌଧୁରୀ ଅଧକ୍ଷତା କରିଥିଲେ । ଶାଖା ସମ୍ପାଦକ ଇଂ. ଅବିନାଶ ନାୟକ ଶାଖାର ବାର୍ଷିକ ବିବରଣୀ, ଶାଖାର ବିଭିନ୍ନ କାର୍ଯ୍ୟବଳୀ, ସଦସ୍ୟ ସଦସ୍ୟାମାନଙ୍କର ବିଭିନ୍ନ ବୃତ୍ତିଗତ ସମସ୍ୟା ବିଷୟରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଦାବି ହାସଲ ପାଇଁ କେନ୍ଦ୍ରୀୟ କାର୍ଯ୍ୟ କାରିଣୀ ତରଫରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଜାଣିବାକୁ ଚାହିଁଥିଲେ ଓ ଆଗାମୀ ଦିନରେ ଦାବି ହାସଲ ପାଇଁ ସଂଘର ସମସ୍ତ କାର୍ଯ୍ୟକ୍ରମକୁ ପୂର୍ଣ୍ଣସମର୍ଥନ ଦିଆଯିବ ବୋଲି ଘୋଷଣା କରିଥିଲେ।

ଏହି ବୈଠକରେ ଓଡ଼େଶାର ସଭାପତି ଇଂ. ଶ୍ରୀକାନ୍ତ ମହାପାତ୍ର ନିଜର ଅଭିଭାଷଣରେ ସଂଘର ୭ଦଫା ଦାବିଗୁଡ଼ିକ ବିଷୟରେ ବିସ୍ତୃତ ବିବରଣୀ ଦେଇ ସଂଘ ଗ୍ରହଣ କରିଥିବା ପଦକ୍ଷେପ ଓ ଶାଖା ସ୍ତରରେ ନେବାକୁ ଥିବା ପଦକ୍ଷେପର ସର୍ବଶେଷ ସ୍ଥିତି ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ବିଶେଷକରି ୨୦୦୩ ରୁ ୨୦୧୩ ମସିହା ମଧ୍ୟରେ ଠିକା ନିଯୁକ୍ତି ପାଇଥିବା ଡିପ୍ଲୋମା ଇଂଜିନିୟର ମାନଙ୍କର ଦରମା ହାରରେ ଅସଂଗତି, କନିଷ୍ଠଯନ୍ତ୍ରୀ ପଦବୀରୁ ସହକାରୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ପାଇଁ ଥିବା ୭ ବର୍ଷ ନିୟମିତ ଚାକିରୀର ପ୍ରତିବନ୍ଧକ ଓ ସହକାରୀ ଯନ୍ତ୍ରୀ ପଦବୀରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ଶତକଡ଼ା ୫୦ ଭାଗକୁ ବୃଦ୍ଧି ଭଳି ଦାବି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ନିଷ୍ପତ୍ତି ଅନୁଯାୟୀ ସ୍ଥାନୀୟ ବିଧାୟକମାନଙ୍କ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ଗୁଡ଼ିକୁ ପଠାଇବା ନିମିତ୍ତ ଶାଖାସ୍ତରରେ ନିଆଯାଇଥିବା ପଦକ୍ଷେପ ଅତ୍ୟନ୍ତ ନୈରାଶ୍ୟଜନକ ବୋଲି ସେ ପ୍ରକାଶ କରିଥିଲେ । ବିଗତ ଏକ ବର୍ଷ ମଧ୍ୟରେ ମାତ୍ର ୫୩ଜଣ ବିଧାୟକମାନଙ୍କ ମାଧ୍ୟମରେ ୨୬ଟି ଶାଖା କମଟି ଏହି ଦାବିପତ୍ର ପ୍ରେରଣ କରିଛନ୍ତି ଓ ଏହା ଆମର ସାଙ୍ଗଠନିକ ଦୁର୍ବଳତାକୁ ପଦାରେ ପକାଇଛି ଏବଂ ଏଭଳି ସ୍ଥିତିରେ ଦାବି ହାସଲ ଆଦୌ ସମ୍ଭବପର ନୁହେଁ ବୋଲି ପ୍ରକାଶ କରିଥିଲେ । ତତ୍‌ସହିତ ବିଭିନ୍ନ ବିଭାଗର ପଦୋନ୍ନତି, ଅନ୍ୟାନ୍ୟ ସମସ୍ୟା ଗୁଡ଼ିକୁ ସମୟାନୁବର୍ତ୍ତୀ ହୋଇ ସଂଘ ସମାଧାନ କରୁଥିବା ସେ ସମସ୍ତଙ୍କୁ ଅବଗତ କରିଥିଲେ ।

ବିଭିନ୍ନ ବିଭାଗରେ ଖାଲିଥିବା ପଦବୀର ପୁରଣ, ନୂତନ ନିଯୁକ୍ତ କନିଷ୍ଠ ଯନ୍ତ୍ରୀମାନଙ୍କୁ କିପରି ସଂଘର ସଦସ୍ୟଭୁକ୍ତ କରାଯିବ ସେ ସବୁ ବିଷୟରେ ଏକ ତଥ୍ୟଭିତ୍ତିକ ପରିସଂଖ୍ୟାନ ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ ଦାବି ହାସଲ ପାଇଁ ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ଼ କରିବା ସହିତ ଏକ ବୃହତ୍ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବା ନିମିତ୍ତ ସେ ଆହ୍ୱାନ ଦେଇଥିଲେ । ଏହି ସାଙ୍ଗଠନିକ କାର୍ଯ୍ୟରେ ଅବସରପ୍ରାପ୍ତ ପୂର୍ବତନ କର୍ମକର୍ତ୍ତା ମାନଙ୍କର ସହଯୋଗ ନେବା ନିମିତ୍ତ ସେ ପରାମର୍ଶ ଦେଇଥିଲେ । ତତ୍‌ସହିତ ନୂତନ ପିଢ଼ୀର ସଦସ୍ୟସଦସ୍ୟାମାନେ ସଂଘର କାର୍ଯ୍ୟଭାର ନେବା ନିମିତ୍ତ ଆଗେଇ ଆସିବାକୁ ଅନୁରୋଧ କରିଥିଲେ । ସଂଘର ଆଗାମୀ ବର୍ଷ ୨୦୨୬ର ଡାଏରୀ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି ଓ ଶାଖା ତରଫରୁ ଅଧିକରୁ ଅଧିକ ବିଜ୍ଞାପନ ରାଶି ସଂଗ୍ରହ କରି କେନ୍ଦ୍ରକୁ ପଠାଇବା ପାଇଁ ସେ ଅନୁରୋଧ କରିଥିଲେ ।

ବୈଠକରେ ଉପସ୍ଥିତ ସଦସ୍ୟ ସଦସ୍ୟା ମାନେ ଆଲୋଚନାରେ ଅଂଶଗ୍ରହଣ କରି ନିଜ ନିଜର ମୂଲ୍ୟବାନ୍ ବକ୍ତବ୍ୟ ଦେବା ସହିତ କିଛି ପ୍ରଶ୍ନ ପଚାରିଥିଲେ ଓ ସଂଘର ସଭାପତି ଇଂ. ମହାପାତ୍ର ସେ ସବୁର ଉତ୍ତର ରଖିଥିଲେ । କାର୍ଯ୍ୟସୂଚୀ ଅନୁଯାୟୀ ୨୦୨୬ ବର୍ଷ ନିମିତ୍ତ ଶାଖାର ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟ ସର୍ବସମ୍ମତିକ୍ରମେ ସମାପନ ହୋଇଥିଲା।

ସଭାକାର୍ଯ୍ୟ ଆରମ୍ଭରେ ପୁଷ୍ପଗୁଚ୍ଛ ଦେଇ ମଞ୍ଚାସୀନ ଅତିଥିମାନଙ୍କୁ ଶାଖା ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ଶେଷରେ ଧନ୍ୟବାଦ ପ୍ରସ୍ତାବ ସହ ସଭାସାଙ୍ଗ କରାଯାଇଥିଲା । ❑

# ମାଲକାନଗିରି ଶାଖା କମିଟିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗତ ତା ୦୮.୧୧.୨୦୨୫ରିଖ ଦିବା ୧୧ ଘଟିକା ସମୟରେ ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘ ମାଲକାନଗିରି ଶାଖା କମିଟିର ବାର୍ଷିକ ସାଧାରଣ ସଭା ଶାଖା ସଭାପତି ଇଂ. ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଂଘ ଭବନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ସଂଘର ସଭାପତି ଇଂ. ଶ୍ରୀକାନ୍ତ ମହାପାତ୍ର କେନ୍ଦ୍ରୀୟ ପ୍ରତିନିଧି ଭାବରେ ଯୋଗଦେଇଥିଲେ । ବୈଠକ ପ୍ରାରମ୍ଭରେ ଶାଖା ତରଫରୁ ଉପସ୍ଥିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟ ଆରମ୍ଭରେ ଶାଖା ସମ୍ପାଦକ ଇଂ. ସୁଦୀପ୍ତ ସାହୁ ଶାଖା କମିଟିର ବିଭିନ୍ନ କାର୍ଯ୍ୟାବଳୀ ଓ ସମସ୍ୟା ବିଷୟରେ ବିବରଣୀ ଉପସ୍ଥାପନ କରିଥିଲେ ।

ଏହାପରେ ସଦସ୍ୟ ସଦସ୍ୟାମାନେ ଆଲୋଚନାରେ ଅଂଶଗ୍ରହଣ କରି ନିଜ ନିଜର ମତାମତ ଦେବା ସହିତ ବୃତ୍ତିଗତ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ବୈଠକରେ ଉପସ୍ଥିତ ସଂଘର ସଭାପତି ଇଂ. ଶ୍ରୀକାନ୍ତ ମହାପାତ୍ର ସଂଘର ୭ ଦଫା ଦାବିର ସ୍ଥିତି, ସାଙ୍ଗଠନିକ ସ୍ଥିତି, ବିଭିନ୍ନ ବିଭାଗରେ ହୋଇଥିବା ପଦୋନ୍ନତି ଓ ବିଭିନ୍ନ ସମସ୍ୟାର ସମାଧାନରେ ସଂଘ ତରଫରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ବିଷୟରେ ବିସ୍ତୃତ ବିବରଣୀ ଦେବା ସହିତ ନୂତନ ସରକାର ୭ ଦଫା ଦାବି ଉପରେ କୌଣସି ପଦକ୍ଷେପ ନେଉନଥିବାରୁ ନିଜର କ୍ଷୋଭ ପ୍ରକାଶ କରିବା ସହିତ ଆଗାମୀ ଦିନରେ ଦାବି ହାସଲ ପାଇଁ ସଂଘକୁ ତୃଣମୂଳ ସ୍ତରରୁ ସଂଗଠିତ କରି ଏକ ବୃହତ୍ ଆନ୍ଦୋଳନ ନିମିତ୍ତ ମାନସିକ ସ୍ତରରେ ପ୍ରସ୍ତୁତ ହେବା ନିମିତ୍ତ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ବିଶେଷକରି ସଂଘର ପ୍ରମୁଖ ଦାବି ସରକାରୀ ନିର୍ବାହୀଯନ୍ତ୍ରୀ ପଦବୀରେ ପଦୋନ୍ନତି ହାର ୫୦ ଭାଗକୁ ବୃଦ୍ଧି, ୨୦୦୩ଠାରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତ ଠିକା କନିଷ୍ଠ ଯନ୍ତ୍ରୀମାନଙ୍କର ଦରମା ହାରରେ ଥିବା ଅସଂଗତି, କନିଷ୍ଠ ଯନ୍ତ୍ରୀ ପଦବୀରୁ ସହକାରୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ପାଇଁ ଥିବା ୭ ବର୍ଷର ଆବାସିକ ସମୟର ପ୍ରତିବନ୍ଧକର ନିରାକରଣ, ପୁରୁଣା ପେନ୍‌ସନ୍ ଲାଗୁ ନିମିତ୍ତ ଏକ ବୃହତ୍ ଆନ୍ଦୋଳନ ହେବା ଆବଶ୍ୟକ ବୋଲି ପ୍ରକାଶ କରିବା ସହିତ ନୂତନ ନିଯୁକ୍ତ କନିଷ୍ଠଯନ୍ତ୍ରୀମାନେ ଏଥିରେ ପୂର୍ଣ୍ଣ ସହଯୋଗ ଦେବା ଜରୁରୀ ବୋଲି ପ୍ରକାଶ କରିଥିଲେ । ଏଥିନିମିତ୍ତ ନୂତନ ପିଲାଙ୍କୁ ସଂଘର ସଦସ୍ୟଭୁକ୍ତ କରିବା ସହିତ ବ୍ଲକ ସ୍ତରରୁ ସଂଗଠନକୁ ସୁଦୃଢ଼ କରିବା ନିମିତ୍ତ ସେ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ଏହା ସହିତ ସଂଘର ଦାବିପତ୍ରକୁ ସ୍ଥାନୀୟ ବିଧାୟକ ମାନଙ୍କ ଜରିଆରେ ତୁରନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରିବା ପାଇଁ ଜୋର୍ ଦେଇଥିଲେ । ନିଜ ବକ୍ତବ୍ୟରେ ସେ ସଂଘର ଡାଏରୀ-୨୦୨୬ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରି ସଂଘର ଆର୍ଥିକ ସ୍ଥିତି ସୁଧାରିବା ପାଇଁ ଅଧିକ ସଂଖ୍ୟାରେ ବିଜ୍ଞାପନ ରାଶି ସଂଗ୍ରହ ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ତତ୍‌ସହିତ ସଦସ୍ୟମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଥିଲେ ।

ମାଲକାନାଗିରି ମହାମଣ୍ଡଳ ସମ୍ପାଦକ ଇଂ. କୃତିବାସ ନାୟକ ବୈଠକରେ ନିଜର ବକ୍ତବ୍ୟରେ ଶାଖା କମିଟିର ସାଙ୍ଗଠନିକ ଶକ୍ତି କିଭଳି ବୃଦ୍ଧିହେବ ଓ ଆଗାମୀ ଦିନରେ ବ୍ଲକ କମିଟି ଗଠନ ସହିତ ଦାବି ହାସଲ ପାଇଁ ସମସ୍ତେ ଏକତ୍ରିତ ହେବା ନିମିତ୍ତ ଅନୁରୋଧ କରିଥିଲେ ।

ଶାଖାର ସଦସ୍ୟମାନେ ବହୁ ସଂଖ୍ୟାରେ ଉପସ୍ଥିତି ରହି ସଭାଟିକୁ ସଫଳ କରାଇଥିଲେ । ବୈଠକରେ ସମସ୍ତ ବିଷୟ ବିସ୍ତୃତ ଭାବରେ ଆଲୋଚନା ହେବାପରେ ସଂଘର ସମସ୍ତ କାର୍ଯ୍ୟକ୍ରମକୁ ଶାଖା ତରଫରୁ ପୂର୍ଣ୍ଣମାତ୍ରାରେ ସହଯୋଗ ଦିଆଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା ।

ଶେଷରେ ଧନ୍ୟବାଦ ପ୍ରସ୍ତାବ ସହିତ ସଭାସାଙ୍ଗ କରାଯାଇଥିଲା । ❑

# ରାଇରଙ୍ଗପୁର ଶାଖାର ବାର୍ଷିକ ସାଧାରଣ ଅଧିବେଶନ

ଗତ ତା ୧୬.୧୧.୨୦୨୫ରିଖ ରବିବାର ଦିବା ୧୧ ଘଟିକା ସମୟରେ ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘ ରାଇରଙ୍ଗପୁର ଶାଖା କମିଟିର ବାର୍ଷିକ ସାଧାରଣ ଅଧିବେଶନ ସ୍ଥାନୀୟ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଶାଖା ସଭାପତି ଇଂ. ନିଶିକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଓଡ଼େଶାର ସାଧାରଣ ସମ୍ପାଦକ ଇଂ. ପ୍ରଭାତ କୁମାର ନାୟକ ଓ କାର୍ଯ୍ୟକାରୀ ସଦସ୍ୟ ଇଂ. ଜ୍ୟୋତିରଂଜନ ସାହୁ କେନ୍ଦ୍ରୀୟ ପ୍ରତିନିଧି ଭାବରେ ଯୋଗଦାନ କରିଥିଲେ । ସଭାକାର୍ଯ୍ୟ ପ୍ରାରମ୍ଭରେ ମଞ୍ଚାସୀନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ସଭାପତିଙ୍କର ସ୍ୱାଗତ ଅଭିଭାଷଣ ପରେ ଶାଖା ସମ୍ପାଦକ ଇଂ. ପ୍ରଶାନ୍ତ କୁମାର ଦାସ ଶାଖାର ବାର୍ଷିକ ବିବରଣୀ ସହିତ ବିଭିନ୍ନ କାର୍ଯ୍ୟବଳୀ, ସଦସ୍ୟ ସଦସ୍ୟାମାନଙ୍କର ବିଭିନ୍ନ ବୃତ୍ତିଗତ ସମସ୍ୟା ବିଷୟରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବା ସହିତ ସଂଘ ସମସ୍ତ କାର୍ଯ୍ୟରେ କେନ୍ଦ୍ରୀୟ କାର୍ଯ୍ୟକାରିଣୀକୁ ପୂର୍ଣ୍ଣ ସମର୍ଥନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ବୈଠକରେ ଉପସ୍ଥିତ ସଂଘର ସାଧାରଣ ସମ୍ପାଦକ ଇଂ. ପ୍ରଭାତ କୁମାର ନାୟକ ନିଜର ବକ୍ତବ୍ୟରେ ସଂଘର ୭ ଦଫା ଦାବିର ସ୍ଥିତି, ଶାଖା ସ୍ତରରେ ଦାବି ହାସଲ ପାଇଁ ସଂଘର ନିଷ୍ପତ୍ତି ଅନୁଯାୟୀ ଗ୍ରହଣ କରାଯାଇଥିବା ପଦକ୍ଷେପ ବିଭିନ୍ନ ବିଭାଗରେ ବିଗତ ଏକବର୍ଷ ମଧ୍ୟରେ ହୋଇଥିବା ପଦୋନ୍ନତି, ଅନ୍ୟାନ୍ୟ ବୃତ୍ତିଗତ ସମସ୍ୟାର ସମାଧାନ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ଓ ସ୍ଥିତି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରି ସମସ୍ତଙ୍କୁ ଅବଗତ କରାଇଥିଲେ । ସଂଘର ସାଙ୍ଗଠନିକ ସ୍ଥିତି ଅତ୍ୟନ୍ତ ନୈରାଶ୍ୟଜନକ ଥିବାରୁ ସଂଗଠନକୁ ବ୍ଲକ ସ୍ତରରୁ ସଜାଡ଼ିବାର ଆବଶ୍ୟକତା ଥିବା ସେ ପ୍ରକାଶ କରିଥିଲେ । ଏଥିସହିତ ବିଗତ ଦିନରେ ନୂତନ ନିଯୁକ୍ତି ପାଇଥିବା ପ୍ରାୟ ୩୦୦୦ କନିଷ୍ଠ ଯନ୍ତ୍ରୀଙ୍କୁ କିଭଳି ସଂଘର ସଦସ୍ୟଭୁକ୍ତ କରିହେବ, ସେଥିପ୍ରତି ଶାଖାର କର୍ମକର୍ତ୍ତାମାନେ ସ୍ୱତନ୍ତ୍ର ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ । ସଂଗଠନକୁ ସୁଦୃଢ଼ କରିପାରିଲେ ଆଗାମୀ ଦିନରେ ଦାବି ହାସଲ ପାଇଁ ଯେକୌଣସି ପ୍ରକାର ପଦକ୍ଷେପ ସଂଘ ନେଇପାରିବ ବୋଲି ପ୍ରକାଶ କରିଥିଲେ । ହେଲେ ଦାବି ହାସଲ ପାଇଁ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ହିଁ ଏକମାତ୍ର ପନ୍ଥା ବୋଲି ସେ କହିଥିଲେ ଓ ଏଥିନିମିତ୍ତ ସମସ୍ତେ ମାନସିକ ସ୍ତରରେ ପ୍ରସ୍ତୁତ ହେବା ପାଇଁ ଆହ୍ୱାନ ଦେଇଥିଲେ । ସଂଘର ନିଷ୍ପତ୍ତି ଅନୁସାରେ ଡିସେମ୍ବର ମାସ ସୁଦ୍ଧା ୭ ଦଫା ଦାବିପତ୍ର ଗୁଡ଼ିକୁ ସ୍ଥାନୀୟ ବିଧାୟକଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ତୁରନ୍ତ ପ୍ରେରଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ ଓ ଏଥିପାଇଁ ସମସ୍ତେ ଆନ୍ତରିକତା ସହ ପ୍ରୟାଶ କରିବା ପାଇଁ ଅନୁରୋଧ । ବୈଠକରେ ସଂଘର ଡାଏରୀ-୨୦୨୬ ବିଷୟରେ ଆଲୋଚନା କରାଯାଇଥିଲା । ଏଥିରେ ଅଧିକରୁ ଅଧିକ ସଂଖ୍ୟାର ବିଜ୍ଞାପନ ରାଶି ସଂଗ୍ରହ କରି ସଂଘର ଆର୍ଥିକ ଅଭିବୃଦ୍ଧିରେ ସହଯୋଗ ଦେବା ନିମିତ୍ତ ଶାଖା କମିଟିର ସଦସ୍ୟମାନଙ୍କୁ ଅନୁରୋଧ କରାଯାଇଥିଲା । ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କ ଦ୍ୱାରା ଆଲୋଚନା କରାଯାଇ ସମସ୍ତ ପ୍ରସ୍ତାବକୁ ସମର୍ଥନ ଦିଆଯାଇଥିଲା ଏବଂ ସଦସ୍ୟମାନଙ୍କ ଦ୍ୱାରା ଉତ୍‌ଥାପନ କରାଯାଇଥିବା ପ୍ରଶ୍ନର ଉତ୍ତର ସାଧାରଣ ସମ୍ପାଦକ ଇଂ. ନାୟକ ପ୍ରଦାନ କରିଥିଲେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୨୦୨୬ ବର୍ଷ ପାଇଁ ଶାଖା କମିଟିର ନୂତନ କର୍ମକର୍ତ୍ତା ଚୟନ ସର୍ବସମ୍ମତିକ୍ରମେ ସମାପନ ହୋଇଥିଲା ।

ଶେଷରେ ଧନ୍ୟବାଦ ପ୍ରସ୍ତାବ ପରେ ସଭା ସାଙ୍ଗ କରାଯାଇଥିଲା । ❑

# ଟେକ୍ନୋସ୍କ୍ରାଇବର ସ୍ୱତନ୍ତ୍ର ସଂଖ୍ୟା

ଆସନ୍ତା୨୦୨୬ମସିହା ଜାନୁଆରୀ ୧୯ ଓ ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ୮୦ତମ ବାର୍ଷିକ ସମ୍ମିଳନୀ ଉପଲକ୍ଷେ ସଂଘ ମୁଖପତ୍ର 'ଟେକ୍ନୋସ୍କ୍ରାଇବ୍'ର ଏକ ସ୍ୱତନ୍ତ୍ର ସ୍ମରଣିକା ପ୍ରକାଶ ପାଇବ। ଏଥିରେ ପ୍ରକାଶନ ନିମନ୍ତେ ଉପାଦେୟ ଲେଖା, ବୈଷୟିକ ପ୍ରବନ୍ଧ, ଗଳ୍ପ, କବିତା ଇତ୍ୟାଦି ନିଜର ନାମ, ଠିକଣା ଏବଂ ଏକ ପାସ୍‌ପୋର୍ଟ ଫଟୋ ସହିତ ସଂଘ ମୁଖ୍ୟ କାର୍ଯ୍ୟାଳୟକୁ ପଠାଇବା ପାଇଁ ଅନୁରୋଧ । ଏହି ଲେଖାଗୁଡ଼ିକ ଜାନୁଆରୀ ୫ ତାରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ ।

**ସମ୍ପାଦକ, ଟେକ୍ନୋସ୍କ୍ରାଇବ୍**

# କୋରାପୁଟ ଓ କୋଲାବ ଶାଖା କମିଟି ସମାଚାର

ତା ୦୮।୧୧।୨୦୨୫ : ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବାସଂଘ କୋରାପୁଟ ଓ କୋଲାବ ଶାଖାର ବାର୍ଷିକ ସାଧାରଣ ସଭା ଓ ୨୦୨୬ବର୍ଷ ନିମିତ୍ତ ନୂତନ କାର୍ଯ୍ୟକର୍ତ୍ତା ଚୟନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଅଛି । ବାରିଣିପୁଟସ୍ଥିତ ଜଳସମ୍ପଦ I.B. ଠାରେ ଅନୁଷ୍ଠିତ ଏହି ବାର୍ଷିକ ସାଧାରଣ ସଭାରେ କୋଲାବ ଶାଖା ସଭାପତି ଇଂ. ବିଜୟ କୁମାର ନନ୍ଦ ଅଧ୍ୟକ୍ଷତା କରିଥିବା ସମୟରେ ଶାଖା ସମ୍ପାଦକ ଇଂ. ଚୈତନ୍ୟ ବାସ୍କେ ଶାଖାର ବାର୍ଷିକ ବିବରଣୀ ସଭାରେ ଉପସ୍ଥାପନ କରିଥିଲେ । ସେହିପରି କୋରାପୁଟ ଶାଖା ସଭାପତି ଇଂ. ଅକ୍ଷୟ କୁମାର ସାହୁ ଓ ସମ୍ପାଦକ ଇଂ. ଗୋପାଳ ମିଞ୍ଜ୍ ବୈଠକରେ ଯୋଗଦେଇ ଶାଖାର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ତତ୍‌ସହିତ ସଂଘର ୭ ଦଫା ଦାବି, ପଞ୍ଚାୟତିରାଜ ବିଭାଗ ସହିତ ଅନ୍ୟାନ୍ୟ ବିଭାଗରେ ହେବାକୁ ଥିବା ପଦୋନ୍ନତି ଓ ଅନ୍ୟାନ୍ୟ ସମସ୍ୟା ସମାଧାନର ଅଗ୍ରଗତି, ସଦସ୍ୟ ସଦସ୍ୟାମାନଙ୍କର ବୃତ୍ତିଗତ ସମସ୍ୟା ଏବଂ ଶାଖା କମିଟିର ବିଭିନ୍ନ କାର୍ଯ୍ୟାବଳୀ ଉପରେ ବିସ୍ତୃତ ବିବରଣୀ ଦେଇଥିଲେ । ସମସ୍ତ ସମସ୍ୟାର ସମାଧାନ ନିମିତ୍ତ କର୍ମକର୍ତ୍ତାମାନେ କେନ୍ଦ୍ରୀୟ କାର୍ଯ୍ୟକାରିଣୀର ତ୍ୱରୀତ ପଦକ୍ଷେପ ପାଇଁ ପ୍ରସ୍ତାବ ରଖିଥିଲେ ।

ବୈଠକରେ କେନ୍ଦ୍ରୀୟ ପ୍ରତିନିଧି ଭାବରେ ଯୋଗଦେଇ ସଂଘର ସଭାପତି ଇଂ. ଶ୍ରୀକାନ୍ତ ମହାପାତ୍ର ସଂଘର ୭ ଦଫା ଦାବି, ବିଭିନ୍ନ ବିଭାଗରେ ହୋଇଥିବା ପଦୋନ୍ନତି, ପଞ୍ଚାୟତିରାଜ ବିଭାଗର ସମସ୍ୟା ସମାଧାନ ପାଇଁ ସଂଘ ଗ୍ରହଣ କରିଥିବା ପଦକ୍ଷେପ ଗୁଡ଼ିକର ବିସ୍ତୃତ ବିବରଣୀ ଦେଇଥିଲେ ଓ ସଂଘର ସାଙ୍ଗଠନିକ ସ୍ଥିତି ବିଷୟରେ ଆଲୋଚନା କରିଥିଲେ । ସଂଘର ପ୍ରମୁଖ ଦାବି ଯଥା- ୨୦୦୩ ରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତ କନିଷ୍ଠ ଯନ୍ତ୍ରୀମାନଙ୍କର ଦରମା ହାରରେ ଥିବା ଅସଂଗତି, କନିଷ୍ଠ ଯନ୍ତ୍ରୀ ପଦବୀରୁ ସହକାରୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ନିମିତ୍ତ ଥିବା ୭ ବର୍ଷ ନିୟମିତ ଚାକିରୀର ପ୍ରତିବନ୍ଧକ ଓ ସହକାରୀ ଯନ୍ତ୍ରୀ ପଦବୀରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ହାର ଶତକଡ଼ା ୫୦ ଭାଗକୁ ବୃଦ୍ଧି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ ।

ଦୀର୍ଘ ୧୬ ମାସରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ନୂତନ ସରକାର ଆମର ଦାବିଗୁଡ଼ିକ ପ୍ରତି ଅଣଦେଖା କରୁଥିବାରୁ ସେ କ୍ଷୋଭ ପ୍ରକାଶ କରିବା ସହିତ ଆଗାମୀ ଦିନରେ ଦାବି ହାସଲ ପାଇଁ ଆନ୍ଦୋଳନ ହିଁ ଏକମାତ୍ର ବାଟ ବୋଲି ଦର୍ଶାଇଥିଲେ । ଏଥିନିମିତ୍ତ ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ କରି ଏକ ବୃହତ ଆନ୍ଦୋଳନ ପାଇଁ ମାନସିକ ପ୍ରସ୍ତୁତି କରିବା ପାଇଁ ଆହ୍ୱାନ ଦେଇଥିଲେ। ସଂଗଠନକୁ ସୁଧାରିବାକୁ ହେଲେ ପ୍ରଥମେ ନୂତନ ନିଯୁକ୍ତି ପାଇଥିବା ପ୍ରାୟ ତିନି ହଜାର କନିଷ୍ଠ ଯନ୍ତ୍ରୀମାନଙ୍କୁ ସଂଘର ସଦସ୍ୟଭୁକ୍ତ କରାଇବା ଆବଶ୍ୟକତା ବିଷୟରେ ନିଜର ମତ ରଖିଥିଲେ । ପୂର୍ବ ନିଷ୍ପତ୍ତି ଅନୁଯାୟୀ ସାଙ୍ଗଠନିକ କାର୍ଯ୍ୟରେ ସହଯୋଗ ପାଇଁ ସଂଘର ଅବସରପ୍ରାପ୍ତ ପୂର୍ବତନ ସଦସ୍ୟସଦସ୍ୟା ମାନଙ୍କର ଏକ ସମନ୍ୱୟ କମିଟି ଗଠନ କରାଯାଇଛି । ଇତିମଧ୍ୟରେ ଉକ୍ତ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ପୂର୍ବତନ କର୍ମକର୍ତ୍ତାମାନେ ସଂଘୀୟ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ତେଣୁ ସଂଗଠନକୁ ସୁଦୃଢ଼ କରିବା ନିମିତ୍ତ ଅବସରପ୍ରାପ୍ତ ପୂର୍ବତନ ସଦସ୍ୟ ଓ କର୍ମକର୍ତ୍ତାମାନଙ୍କର ସହଯୋଗ ନେବାପାଇଁ ସେ ପରାମର୍ଶ ଦେଇଥିଲେ। ସଂଘର ଡାଏରୀ- ୨୦୨୬ ପାଇଁ ଅଧିକ ବିଜ୍ଞାପନ ରାଶି ସଂଗ୍ରହ ସହିତ ଠିକ୍ ସମୟରେ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ନିକଟରେ ପୈଠ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ପୂର୍ବରୁ ବୈଠକରେ ଉପସ୍ଥିତ ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରି ବହୁତ ଗୁଡ଼ିଏ ପ୍ରଶ୍ନ ଉତ୍‌ଥାପନ କରିଥିଲେ ଓ ସଭାପତି ଇଂ. ମହାପାତ୍ର ସେ ସବୁର ଉତ୍ତର ରଖିଥିଲେ । ବୈଠକରେ ସଂଘର ପୂର୍ବତନ ମହାମଣ୍ଡଳ ସମ୍ପାଦକ ଇଂ. ଆଲୋକ କୁମାର ଚୌଧୁରୀ ଯୋଗ ଦେଇ ସଂଘୀୟ ଏକତା ଓ ଦୃଢ ସଂଗଠନ ଗଠନ ନିମିତ୍ତ ପରାମର୍ଶ ଦେଇଥିଲେ ।

ନିର୍ଦ୍ଧରିତ କାର୍ଯ୍ୟସୂଚୀ ଅନୁଯାୟୀ ୨୦୨୬ ବର୍ଷ ପାଇଁ ଶାଖାର ନୂତନ କର୍ମକର୍ତ୍ତା ମାନଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ନୂତନ କର୍ମକର୍ତ୍ତାମାନେ ସାଙ୍ଗଠନିକ କାର୍ଯ୍ୟକୁ ନିଷ୍ଠାର ସହିତ ସାକାର କରିବା ନିମିତ୍ତ ସଭାପତି ଅନୁରୋଧ କରିଥିଲେ । ଶେଷରେ ଧନ୍ୟବାଦ ପ୍ରସ୍ତାବ ଆଗତ ହେବାପରେ ସଭାସାଙ୍ଗ କରାଯାଇଥିଲା । ❏

# ଅନୁଗୁଳ ଶାଖାର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗତ ତା ୨୦.୧୧.୨୦୨୫ରିଖ ଗୁରୁବାର ଅପରାହ୍ଣ ୫ ଘଟିକା ସମୟରେ ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବାସଂଘ ଅନୁଗୁଳ ଶାଖା କମିଟିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଶାଖା ସଭାପତି ଇଂ. ସିଓନା ସାସ୍ୱତ ନନ୍ଦ, ଅଧକ୍ଷତା କରିଥିଲେ । ସଭାପତିଙ୍କର ସ୍ୱାଗତ ଅଭିଭାଷଣ ପରେ ଶାଖା ସମ୍ପାଦକ ଇଂ. ପ୍ରଫୁଲ୍ଲ କୁମାର ଭୋଇ ଶାଖାର ବାର୍ଷିକ ବିବରଣୀ ପାଠ କରିଥିଲେ । ସେ ନିଜର ବକ୍ତବ୍ୟରେ ସଂଘର ବିଭିନ୍ନ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ସେ ନିଜର ବକ୍ତବ୍ୟ ରଖି ସଂଘର ୭ ଦଫା ଦାବି ଓ ସଦସ୍ୟମାନଙ୍କର ଅଭାବ ଅସୁବିଧା, ପଦୋନ୍ନତି ଆଦି ବିଷୟରେ ନିଜର ମତ୍ତ ଉପସ୍ଥାପନ କରିବା ସହିତ ସାଧାରଣ ସଦସ୍ୟମାନଙ୍କ ମଧ୍ୟରେ ଯେଉଁ ଶିଥିଳତା ମନୋଭାବ ରହିଛି ସେ ବିଷୟରେ ଉଲ୍ଲେଖ କରିଥିଲେ । ସଭାରେ ଉପସ୍ଥିତି ସଦସ୍ୟ ସଦସ୍ୟାମାନେ ନିଜ ନିଜର ବକ୍ତବ୍ୟ ରଖି ଦାବି ହାସଲ, ବିଭାଗୀୟ ପଦୋନ୍ନତି ଓ ବୃତ୍ତିଗତ ସମସ୍ୟାର ସମାଧାନ ପାଇଁ ସଂଘ ଗ୍ରହଣ କରିଥିବା ପଦକ୍ଷେପ ବିଷୟ ଜାଣିବାକୁ ଚାହିଁଥିଲେ।

ସଭାରେ ଉପସ୍ଥିତ ସଂଘର ସାଧାରଣ ସମ୍ପାଦକ ଇଂ. ପ୍ରଭାତ କୁମାର ନାୟକ ନିଜର ବକ୍ତବ୍ୟରେ ସଂଘର ବିଭିନ୍ନ ସମସ୍ୟା, ଦାବି ପୁରଣରେ ସଂଘ ତରଫରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ଓ ସରକାରୀ ସ୍ତରରେ ଉପୁଜୁଥିବା ସମସ୍ୟା, ବିଭିନ୍ନ ବିଭାଗରେ ପଦୋନ୍ନତିର ସ୍ଥିତି ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ସଂଘର ୭ ଦଫା ଦାବି ସରକାରଙ୍କ ନିକଟରେ ବିଭିନ୍ନ ସମୟରେ ଉତ୍‌ଥାପନ କରାଯାଇଥିଲେ ସୁଦ୍ଧା ସରକାର କୌଣସି ପଦକ୍ଷେପ ନେଉନଥିବାରୁ ସେ ନିଜର କ୍ଷୋଭ ପ୍ରକାଶ କରିଥିଲେ। ତେଣୁ ଦାବି ହାସଲ ପାଇଁ ସଂଘର ନିଷ୍ପତ୍ତି ଅନୁଯାୟୀ ସ୍ଥାନୀୟ ବିଧାୟକମାନଙ୍କ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପଠାଇବା କାର୍ଯ୍ୟ ଶାଖା ସ୍ତରରେ ଠିକ୍ ଭାବରେ କାର୍ଯ୍ୟକାରୀ ହେଉ ନଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ । ସଂଘର ପ୍ରମୁଖ ସମସ୍ୟା ମଧ୍ୟରେ ୨୦୦୩ରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତ କନିଷ୍ଠ ଯନ୍ତ୍ରୀ ମାନଙ୍କର ଦରମା ହାରରେ ଥିବା ତ୍ରୁଟି ବା ଅସଂଗତି, କନିଷ୍ଠ ଯନ୍ତ୍ରୀ ପଦବୀରୁ ସହକାରୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ପାଇଁ ଥିବା ୭ ବର୍ଷର ନିୟମିତ ଚାକିରୀ ଅବଧି ଭଳି ତ୍ରୁଟିପୂର୍ଣ୍ଣ ନିୟମ ଯୋଗୁଁ ଅଧିକାଂଶ ସଦସ୍ୟ ପଦୋନ୍ନତି ପାଇବାରୁ ବଞ୍ଚିତ ହେଉଥିବା ଓ ସହକାରୀ ନିର୍ବାହୀଯନ୍ତ୍ରୀ ପଦବୀକୁ ଶତକଡ଼ା ୫୦ ଭାଗ ପଦୋନ୍ନତି ଆଦିର ସମାଧାନ ପାଇଁ ଆନ୍ଦୋଳନାତ୍ମକ କାର୍ଯ୍ୟର ଆବଶ୍ୟକତା ବିଷୟ ସେ ଉଲ୍ଲେଖ କରିଥିଲେ । ଏଥିନିମିତ୍ତ ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ କରି ଆନ୍ଦୋଳନ ପାଇଁ ସମସ୍ତେ ମାନସିକ ସ୍ତରରେ ପ୍ରସ୍ତୁତ ହେବାପାଇଁ ଆହ୍ୱାନ ଦେଇଥିଲେ । ଏହା ବ୍ୟତୀତ ସଂଘର ୨୦୨୬ ବର୍ଷ ପାଇଁ ଡାଏରୀ ପ୍ରକାଶନରେ ଅଧିକରୁ ଅଧିକ ବିଜ୍ଞାପନ ରାଶି ସଂଗ୍ରହ କରି କେନ୍ଦ୍ରକୁ ପଠାଇବା ପାଇଁ ସେ ଅନୁରୋଧ କରିଥିଲେ । ଏହାବ୍ୟତୀତ ସଦସ୍ୟସଦସ୍ୟାମାନଙ୍କ ଦ୍ୱାରା ଉତ୍‌ଥାପନ କରାଯାଇଥିବା ସମସ୍ତ ପ୍ରଶ୍ନର ଉତ୍ତର ମଧ ଦେଇଥିଲେ ।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୨୦୨୬ବର୍ଷ ନିମିତ୍ତ ଶାଖାର ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟ ସର୍ବସମ୍ମତି କ୍ରମେ କରାଯାଇଥିଲା । ସଭାକାର୍ଯ୍ୟ ଆରମ୍ଭରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଧନ୍ୟବାଦ ପ୍ରସ୍ତାବ ସହିତ ସଭାସାଙ୍ଗ କରାଯାଇଥିଲା । ❑

## ଓଡ଼େଶାର ୮୦ତମ ବାର୍ଷିକ ସମ୍ମିଳନୀ ଓ ସାଧାରଣ ସଭା

ଓଡ଼େଶାର ୮୦ତମ ବାର୍ଷିକ ସମ୍ମିଳନୀ ଓ ସାଧାରଣ ସଭା ଆସନ୍ତା ୨୦୨୬ ମସିହା ଜାନୁଆରୀ ମାସ ୧୯ ଓ ୨୦ତାରିଖ ଦୁଇଦିନ ଧରି ଭୁବନେଶ୍ୱରରେ ଅନୁଷ୍ଠିତ ହେବ । ଉପରୋକ୍ତ ଦୁଇଦିନ ସ୍ୱତନ୍ତ୍ର ଛୁଟି ପ୍ରଦାନ ଲାଗି ରାଜ୍ୟ ସରକାରଙ୍କ ଗୃହ ବିଭାଗକୁ ଓଡ଼େଶା ତରଫରୁ ଚିଠି ଲେଖାଯାଇଛି ଓ ଏହା ସରକାରଙ୍କ ସକ୍ରିୟ ବିଚାରାଧିନ ରହିଛି ।

ଉକ୍ତ ବାର୍ଷିକ ସମ୍ମିଳନୀ ଓ ସାଧାରଣ ସଭାରେ ବହୁ ସଂଖ୍ୟାରେ ସଦସ୍ୟ/ସଦସ୍ୟାମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ନିମିତ୍ତ ବିନମ୍ର ନିବେଦନ ।

**- କେନ୍ଦ୍ରୀୟ କାର୍ଯ୍ୟକାରିଣୀ, ଓଡ଼େଶା**

# ନୟାଗଡ଼ ଶାଖାର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ

